ଦକ୍ଷିଣଆଫ୍ରିକାରେ ଭାରତର ଐତିହାସିକ ବିଜୟ : ସିରିଜ୍ ୧-୧ରେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ-୩୦ • ସଂଖ୍ୟା-୩୩୬ • ୫ ଜାନୁଆରୀ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -30 • Issue-336 • 5th January 2024, Friday • Bhubaneswar
Licensed to post without pre-payment of postage No- BN-60/22-24




# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ'ର ଏନ୍‌ଫୋର୍ସମେଣ୍ଟ ବ୍ୟବସ୍ଥା ହେବ ଅଧିକ ଦକ୍ଷ ଓ କ୍ରିୟାଶୀଳ

**ଭୁବନେଶ୍ୱର, ୪।୧**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଭୁବନେଶ୍ୱରକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ନୂତନ ରୂପରେଖ ଦେବାର ଗୁରୁଦାୟିତ୍ୱ ବହନ କରିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରର ସୌନ୍ଦର୍ଯ୍ୟକରଣ ଓ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷର ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟରେ ବିଭିନ୍ନ ସମସ୍ୟା ଉପୁଜୁଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ ଅଧିକ ଫଳପ୍ରଦ ଓ ସୁସଂହତ କରିବା ଉଦ୍ଦେଶ୍ୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬୭ଟି ପଦବୀ ସୃଷ୍ଟି ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦବୀ ଗୁଡ଼ିକ ରାଜ୍ୟ ପୋଲିସ୍ ପ୍ରଶାସନ ପକ୍ଷରୁ ସୃଷ୍ଟି କରାଯାଇ ପୂରଣ ହେବ।



ଏହି ପଦବୀଗୁଡ଼ିକ ହେଲା- ଗୋଟିଏ ଆସିଷ୍ଟାଣ୍ଟ କମିଶନର ଅଫ୍ ପୋଲିସ୍, ୬ଟି ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର ଅଫ୍ ପୋଲିସ୍ ଏବଂ ୬୦ଟି ପୋଲିସ୍ କନଷ୍ଟେବଲ ପଦବୀ। ଭୁବନେଶ୍ୱର ପୂର୍ବ ଭାରତର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ସହର। ସହରାଞ୍ଚଳ ଯୋଜନାବଦ୍ଧ ବିକାଶ ପାଇଁ ଏହି ପଦବୀଗୁଡ଼ିକ କାର୍ଯ୍ୟ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁଯାୟୀ ସମଗ୍ର ଭୁବନେଶ୍ୱର ସହରରେ ଏସବୁ କାର୍ଯ୍ୟ ନିମନ୍ତେ ୨୫ଟି ଜଏଣ୍ଟ ଟିମ୍ ଓ ୫ଟି ରିଜର୍ଭ ଟିମ୍‌ର ଆବଶ୍ୟକତା ଥିଲା। ପ୍ରତି ଟିମ୍‌ରେ ୨ଜଣ ପୁଲିସ୍ କନେଷ୍ଟବଲ ରହିବେ। ଏହି ଟିମ୍‌ଗୁଡ଼ିକର ସମନ୍ୱୟ ଓ ସୁପରିଚାଳନା ପାଇଁ ଜଣେ ଆସିଷ୍ଟାଣ୍ଟ କମିଶନର, ୬ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର କାର୍ଯ୍ୟ କରିବେ।

ଏହି ପଦବୀଗୁଡ଼ିକ ପୂରଣ ଦ୍ୱାରା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସହଜ ଓ ତ୍ୱରାନ୍ୱିତ ହୋଇପାରିବ।

# ପୁଲିସ ମହାନିର୍ଦ୍ଦେଶକ, ପୁଲିସ ମହାନିରୀକ୍ଷକଙ୍କ ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ

## ଆଭ୍ୟନ୍ତରୀଣ ସୁରକ୍ଷା ପ୍ରସଙ୍ଗ ଉପରେ ହେବ ଆଲୋଚନା

**ନୂଆଦିଲ୍ଲୀ, ୪।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬-୭ ତାରିଖରେ ରାଜସ୍ଥାନର ଜୟପୁରସ୍ଥିତ ରାଜସ୍ଥାନ ଅନ୍ତର୍ଜାତୀୟ କେନ୍ଦ୍ରରେ ପୁଲିସ ମହାନିର୍ଦ୍ଦେଶକ/ ଆଇଜିଙ୍କ ସର୍ବଭାରତୀୟ ସମ୍ମିଳନୀ ୨୦୨୩ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଦିନିଆ ସମ୍ମିଳନୀରେ ସାଇବର କ୍ରାଇମ, ପୁଲିସିଂରେ ଟେକ୍ନୋଲୋଜି, ଆତଙ୍କବାଦ ମୁକାବିଲା ଚ୍ୟାଲେଞ୍ଜ, ବାମପନ୍ଥୀ ଉଗ୍ରବାଦ, ଜେଲ ସଂସ୍କାର ସମେତ ବିଭିନ୍ନ ପୁଲିସ ଓ ଆଭ୍ୟନ୍ତରୀଣ ନିରାପତ୍ତା ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବ। ଏହି ସମ୍ମିଳନୀର ଅନ୍ୟ ଏକ ପ୍ରମୁଖ ଏଜେଣ୍ଡା ହେଉଛି ନୂତନ ଅପରାଧିକ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ରୋଡ ମ୍ୟାପ ଉପରେ ଆଲୋଚନା। ଏହାବ୍ୟତୀତ ଏହି ସମ୍ମିଳନୀରେ ପୁଲିସ ଏବଂ ନିରାପତ୍ତା କ୍ଷେତ୍ରରେ ଭବିଷ୍ୟତଭିତ୍ତିକ ବିଷୟବସ୍ତୁ ଯଥା ଏଆଇ, ଡ଼ିପ ଫେକ ଇତ୍ୟାଦି ନୂତନ ଜ୍ଞାନକୌଶଳ ଦ୍ୱାରା ସୃଷ୍ଟି



ହୋଇଥିବା ଆହ୍ୱାନ ଏବଂ ଏହାର ମୁକାବିଲାର ଉପାୟ ଉପରେ ମଧ୍ୟ ଆଲୋଚନା କରାଯିବ। ପ୍ରତିବର୍ଷ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ ହେଉଥିବା ପ୍ରଯୁଜ୍ୟ ଆକ୍ସନ ପଏଣ୍ଟଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହାର ଅଗ୍ରଗତି ଉପରେ ନଜର ରଖିବାର ସୁଯୋଗ ମଧ୍ୟ ଏହି ସମ୍ମିଳନୀ ପ୍ରଦାନ କରିଥାଏ।

ଏହି ସମ୍ମିଳନୀରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରର ପୁଲିସ ଓ ଗୁଇନ୍ଦା ଅଧିକାରୀମାନେ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ୮ ମାସରେ ସୁନ୍ଦରଗଡ଼ ଜିଲ୍ଲାକୁ ୯୭୦ କୋଟିର ପ୍ରକଳ୍ପ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪।୧**
**ନ୍ୟୁଜ୍ ବ୍ୟୁରୋ**

ଦୁଇଦିନିଆ ସୁନ୍ଦରଗଡ ଗସ୍ତରେ ଯାଇ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ୫-ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ । ଏଥି ସହିତ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଗତ ୮ ମାସ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାକୁ ୯୭୦କୋଟି ଟଙ୍କାର ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଭେଟି ଦେଇଥିବା ସୂଚନା ଦେଇଛନ୍ତି । *(ପୃଷ୍ଠା ୭ରେ)*




# ଓଡ଼ିଶାର ୭ ସାମଗ୍ରୀକୁ ଜିଆଇ ମାନ୍ୟତା

**ଭୁବନେଶ୍ୱର, ୪।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ୭ଟି ସାମଗ୍ରୀକୁ ଭୌଗୋଳିକ ସୂଚକାଙ୍କ(ଜିଆଇ) ଟ୍ୟାଗ ମିଳିଛି । ଓଡ଼ିଶା ଖଜୁରି ଗୁଡ଼, ଢେଙ୍କାନାଳର ମଗଜ ଲଡ୍ଡୁ, ଶିମିଳିପାଳ କାଇଚଟଣୀ, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କପଡ଼ାଗଣ୍ଡା ଡଙ୍ଗରିଆ କନ୍ଧଙ୍କ ହାତବୁଣା(ଏମ୍ବ୍ରୋଡରି) ଶାଲ୍, କୋରାପୁଟ କଳାଜିରା ଚାଉଳ ଓ ଲାଞ୍ଜିଆ ସୌରାଙ୍କ ପଟ୍ଟଚିତ୍ର (ଇଡିତାଲ)କୁ ଜିଆଇ ଟ୍ୟାଗ ମିଳିଛି। ଏ ସଂପର୍କରେ କେନ୍ଦ୍ର ସରକାରଙ୍କ *(ପୃଷ୍ଠା ୭ରେ)*



# ୮ ନୌ ସୈନିକଙ୍କ ଜେଲଦଣ୍ଡ ବିରୋଧରେ ଅପିଲ୍ କରିବ ଭାରତ

**ନୂଆଦିଲ୍ଲୀ, ୪।୧**

କତର ଜେଲରେ ଥିବା ୮ ଜଣ ପୂର୍ବତନ ଭାରତୀୟ ନୌସୈନିକଙ୍କୁ ଡିସେମ୍ବର ୨୮ତାରିଖରେ ସେଠାକାର ଅଦାଲତ ମୃତ୍ୟୁଦଣ୍ଡ ଉପରେ ରୋକ ଲଗାଇବା ସହ ତାହାକୁ ଜେଲଦଣ୍ଡରେ ପରିବର୍ତ୍ତନ କରିଦେଇଥିଲେ। ଏହାକୁ ନେଇ ଭାରତରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା। ଏବେ ଜେଲଦଣ୍ଡରୁ ମୁକ୍ତି ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

ଗୁରୁବାର ଭାରତ ପକ୍ଷରୁ କୁହାଯାଇଛି ଯେ, ୮ ଜଣଙ୍କୁ ଦିଆଯାଇଥିବା ଜେଲ ଦଣ୍ଡାଦେଶ ବିରୋଧରେ ଆବେଦନ କରାଯିବ। କତରର ନିୟମ ଅନୁସାରେ ରାୟ ପ୍ରକାଶର ୬୦ ଦିନ ମଧ୍ୟରେ ଏହି ଆବେଦନ କରାଯିବ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଗତ ଡିସେମ୍ବର ୨୮ତାରିଖରେ କତର କୋର୍ଟ ଅଫ ଅପିଲ ରାୟ ଶୁଣାଇଥିଲେ। ଏହାପରେ ଆମେ କହିଥିଲୁ ଯେ ଏହି ୮ ଜଣଙ୍କ ଫାଶୀ ଦଣ୍ଡାଦେଶ ଉପରେ ରୋକ ଲଗାଯାଇଛି। ଆମର ଓକିଲ ଦଳ ପାଖରେ ଏବେ ଅଦାଲତଙ୍କ ଉକ୍ତ ଆଦେଶ ପହଞ୍ଚିଛି । ଏହା ଏକ ଗୋପନୀୟ ଆଦେଶ। ତେବେ ଜଣାପଡ଼ିଛି ଯେ ଆଠ ଜଣଙ୍କୁ ଭିନ୍ନ ଭିନ୍ନ ଅବଧିରେ ଦଣ୍ଡିତ *(ପୃଷ୍ଠା ୭ରେ)*

## ଏକାଳ ସକାଳ




ଦିନ ଦି'ଟା ବି ଚାଲିଲା ନାହିଁ
ଭାରତ ଆଫ୍ରିକା ଟେଷ୍ଟ
ରନ ପାଇଁ କି ମରୁଡି ପଡିଲା
ବୋଲର ହୋଇଲେ ବିଷ୍ଟ
ୱିକେଟ୍‌ରେ କରି ଫିଷ୍ଟ
ଭାରତ ପ୍ରଥମ ହାରର ବଦଲା
ନେଇକି କାଟିଲା ରିଷ୍ଟ।

# ଗଣତନ୍ତ୍ର ପରେଡରେ ସ୍ଥାନ ପାଇବ ଓଡ଼ିଶା ପ୍ରଜ୍ଞାପନ ମେଢ

**ଭୁବନେଶ୍ୱର, ୪।୧**
**ନ୍ୟୁଜ୍ ବ୍ୟୁରୋ**

ଦିଲ୍ଲୀରେ ଝଲସିବ ଓଡ଼ିଶା ପ୍ରଜ୍ଞାପନ ମେଢ। ଚଳିତ ବର୍ଷ ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ପରେଡ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଏଥର ପରେଡରେ ସ୍ଥାନ ପାଇବ ଓଡ଼ିଶା ପ୍ରଜ୍ଞାପନ ମେଢ। ୨୦୨୪ ଗଣତନ୍ତ୍ର ଦିବସରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ପରେଡରେ ଓଡ଼ିଶା ପ୍ରଜ୍ଞାପନ ମେଢ ମଡେଲ ମନୋନୀତ ହୋଇଥିବା ଜଣାଯାଇଛି। ଗୁରୁବାର ଏ ନେଇ ରାଜ୍ୟ ମୁଖ୍ୟ



ଶାସନ ସଚିବଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଚିଠି ଲେଖା ହୋଇଛି।

୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମଡେଲ ଚୂଡ଼ାନ୍ତ ହୋଇଥିବା ଚିଠିରେ ଉଲ୍ଲେଖ ରହିଛି। ଏ ସଂପର୍କରେ *(ପୃଷ୍ଠା ୭ରେ)*

# ଏଥର ଚିଲିକାରେ ୧୮୭ ପ୍ରଜାତିର ୧୧.୩୭ ଲକ୍ଷ ପକ୍ଷୀ

**ବାଲୁଗାଁ, ୪।୧**
**ନ୍ୟୁଜ୍ ବ୍ୟୁରୋ**

ମରାଳମାଳିନୀ ନିଳାମ୍ବୁ ଚିଲିକାରେ ଗୁରୁବାର ସନ୍ଧ୍ୟାରେ ୨୦୨୩/୨୪ ବର୍ଷପାଇଁ ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ୫ଟି ରେଞ୍ଜ (ବାଲୁଗାଁ, ଚିଲିକା, ଟାଙ୍ଗି, ସାତପଡ଼ା ଓ ରମ୍ଭା)କୁ ନେଇ ସମଗ୍ର ଚିଲିକା ଗଠିତ ହୋଇଥିବା ବେଳେ ପକ୍ଷୀ ଗଣନା ଅନୁଯାୟୀ ଚଳିତବର୍ଷ ୧୮୭ ପ୍ରଜାତିର ୧୧



ଲକ୍ଷ ୩୭ ହଜାର ୭୫୯ ପକ୍ଷୀ ଦେଖାଯାଇଛନ୍ତି । ଚଳିତ ବର୍ଷ ଚିଲିକାରେ ପକ୍ଷୀମାନଙ୍କର ସମାଗମ ଅଧିକ ହୋଇଛି।

ନଳବଣରେ ସମୁଦାୟ ୩ ଲକ୍ଷ ୪୭ ହଜାର ୨୮୦ଟି ପକ୍ଷୀ ଥିବା ସଦ୍ୟ ସମାପ୍ତ ପକ୍ଷୀ ଗଣନାରୁ ଜଣାପଡ଼ିଛି। ବିଶେଷକରି ବାଲୁଗାଁ ରେଞ୍ଜର ନଳବଣରେ ଅଧିକ ଦେଖା ଦେଇଥିବା ସ୍ଥଳେ ସବୁଠାରୁ କମ ବାଲୁଗାଁ ରେଞ୍ଜର ନଇରୀ ଓ ସୋରଣ ଅଞ୍ଚଳ ରହିଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ'ର ମିଳିତ ଆନୁକୂଲ୍ୟରେ ଗୁରୁବାର ପକ୍ଷୀ ଗଣନାରେ ଚିଲିକାରେ ୧୯ଟି ଦଳ ଜଳ ଭାଗରେ ରହି *(ପୃଷ୍ଠା ୭ରେ)*

# ଆପଣମାନେ ଖୁସିରେ ଅଛନ୍ତି ତ ?



■ ଶ୍ୟାମସୁନ୍ଦର ଅଗ୍ରୱାଲା

ଶିକ୍ଷକ ମହାଶୟ ଯେତେବେଳେ ଶ୍ରେଣୀରେ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ କ'ଣ ହେବାକୁ ଚାହୁଁଛ ବୋଲି ପ୍ରଶ୍ନ କଲେ, କିଏ କହିଲା "ମୁଁ ଡାକ୍ତର ହେବାକୁ ଚାହୁଁଛି" ତ କିଏ କହିଥିଲା "ମୁଁ ଇଂଜିନିୟର ହେବାକୁ ଚାହୁଁଛି ।" କେତେ କହିଥିଲେ "ଆମେ ଶିକ୍ଷକ ହେବାକୁ ଚାହୁଁଛୁ" ତ କେତେ କହିଲେ "ଆମେ ଓକିଲ ହେବାକୁ ଚାହୁଁଛୁ ।" କିଛି ଛାତ୍ରଛାତ୍ରୀ କହିଲେ "ଆମେ ବ୍ୟବସାୟୀ ହେବାକୁ ଚାହୁଁଛୁ" ତ କିଛି କହିଲେ "ଆମେ ରାଜନୀତି କରିବାକୁ ଚାହୁଁଛୁ ।" ଶେଷକୁ ଗୋଟିଏ ଛାତ୍ର କହିଲା "ସାର୍, ମୁଁ ଖୁସି ହେବାକୁ ଚାହୁଁଛି ।" ଶିକ୍ଷକ ତାକୁ ଥରେ ଅନେଇ ଟିକିଏ ଆଶ୍ଚର୍ଯ୍ୟ ହୋଇ ପୁଣି ପ୍ରଶ୍ନ କଲେ "ବୋଧହୁଏ, ତୁମେ ମୋ'ର ପ୍ରଶ୍ନ ଠିକ ଭାବରେ ବୁଝିପାରିଲ ନାହିଁ ?" ପିଲାଟି ପୁଣି ଉତ୍ତର ଦେଇ କହିଲା "ସାର, ବୋଧହୁଏ ଆପଣ ମୋ ଉତ୍ତର ଠିକ୍‌ରେ ବୁଝିପାରିଲେ ନାହିଁ ।"

ବନ୍ଧୁଗଣ, ଉପରୋକ୍ତ ପିଲାଟି ସଠିକ ଉତ୍ତର ଦେଇଥିଲା କାରଣ ଆପଣ ଡାକ୍ତର ହୁଅନ୍ତୁ କି ଇଂଜିନିୟର ହୁଅନ୍ତୁ, ଶିକ୍ଷକ ହୁଅନ୍ତୁ କି ଓକିଲ ହୁଅନ୍ତୁ, ବ୍ୟବସାୟ କରନ୍ତୁ କି ରାଜନୀତି କରନ୍ତୁ ଶେଷକୁ ଆପଣମାନେ ସମସ୍ତେ ଖୁସି ହେବାକୁ ଚାହିଁଥାନ୍ତି । ଏହା ହିଁ ସତ୍ୟ । ଜୀବନର ସବୁ ରାସ୍ତାର ଲକ୍ଷ୍ୟ ହେଉଛି ଗୋଟିଏ ଏବଂ ତାହା ହେଉଛି ଖୁସି । ଯଦି ଆପଣ ଖୁସି ଥାଆନ୍ତି ତେବେ ଜୀବନରେ ସବୁକିଛି ହାସଲ କରିଥାନ୍ତି । ଯଦି ଆପଣ ଖୁସି ନୁହନ୍ତି ତେବେ କିଛି ନୁହନ୍ତି ।



ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ଠିକ୍ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି । ତାଙ୍କର ଏହି ଆଦର୍ଶ ଉପରେ ପ୍ରତିଷ୍ଠିତ ପ୍ରଶ୍ନ "ଆପଣମାନେ ଖୁସି ତ ?" ଆଜି ଓଡ଼ିଶାର ସାଢ଼େ ଚାରିକୋଟି ଓଡ଼ିଆଙ୍କର ହୃଦୟ ଜିଣିପାରିଛି ଏବଂ ସମସ୍ତେ ବାରମ୍ବାର ଏକ ସ୍ୱରରେ କହୁଛନ୍ତି "ହଁ ଆଜ୍ଞା, ଆମ୍ଭେମାନେ ଖୁସି ଅଛୁ ।" ଯେଉଁମାନେ ଖୁସି ନୁହନ୍ତି ସେମାନଙ୍କର ସଂଖ୍ୟା ଏତେ ନଗଣ୍ୟ ଯେ ତାହା ଏହି କୋଳାହଳମୟ ପରିବେଶ ଭିତରେ ଆଦୌ ଶୁଣାଯାଉ ନାହିଁ ଯାହା ଫଳରେ ଆଜିକୁ ଦୀର୍ଘ ଚବିଶ ବର୍ଷ ଧରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନମାନଙ୍କରେ ବାରମ୍ବାର ବିପୁଳ ଭୋଟରେ ବିଜୟ ଲାଭ କରିଆସୁଛନ୍ତି ।

ଭାରତବର୍ଷର ରାଜନୀତିରେ ଏ ଭଳି ଏକ ପ୍ରଶ୍ନ ଅତ୍ୟନ୍ତ ବିରଳ ଓ କ୍ୱଚିତ ଶୁଣାଯାଇଥାଏ। ଆଜିଯାଏ କୌଣସି ପ୍ରତିଷ୍ଠିତ ରାଜନୈତିକ ବ୍ୟକ୍ତି ଖୁସିର ବାର୍ତ୍ତା ଦେଇନାହାନ୍ତି । କିଏ ଗରିବୀ ହଟାଓ ସ୍ଲୋଗାନ ଦେଇଥାଏ ତ କିଏ ମା ଓ ମାଟିର ଜୟଗାନ କରିଥାଏ, କିଏ ସ୍ୱଚ୍ଛ ଭାରତର କଥା କହିଥାଏ ତ କିଏ ଦୁର୍ନୀତିମୁକ୍ତ ସୁଶାସନ କଥା କହିଥାଏ କିନ୍ତୁ ଆଜି ପର୍ଯ୍ୟନ୍ତ କେହି ଜଣେ ମାତ୍ର ବ୍ୟକ୍ତି ଏହି ପ୍ରଶ୍ନ ପଚାରିନାହାନ୍ତି ଯାହା ହେଉଛି "ଆପଣମାନେ ଖୁସି ତ ?" ଜୀବନର ଏହି ସରଳ ମନ୍ତ୍ରଟି ନବୀନବାବୁ ତାଙ୍କ ସ୍ୱଭାବ ସୁଲଭ ସରଳ ଢଙ୍ଗରେ ବାରମ୍ବାର ପଚାରି ଆଜକୁ ଦୀର୍ଘ ଚବିଶ ବର୍ଷ ହେଲା ଲୋକମାନଙ୍କ ମୁହଁରୁ ଆସ୍ତିବାଚକ ଉତ୍ତର *(ପୃଷ୍ଠା ୭ରେ)*

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଜାନୁଆରୀ ୨୦୨୪ ଶୁକ୍ରବାର







# ପଦବୀରେ ନୁହେଁ କର୍ତ୍ତବ୍ୟ ନିଷ୍ଠାରେ ମିଳେ ପରିଚୟ ଓ ସମ୍ମାନ:ଜିଲ୍ଲାପାଳ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାରେ ଶୂନ୍ୟ ପଡ଼ିଥିବା ସମସ୍ତ ବ୍ଲକ୍‌ରେ ଜି.ଆର୍.ଏସ୍. ପଦବୀ ପୂରଣ ନିମନ୍ତେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସମସ୍ତ ପ୍ରକ୍ରିୟା ଅନୁସରଣ ପୂର୍ବକ ସମୁଦାୟ ୧୬ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ପଦବୀ ନିମନ୍ତେ ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ। ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଏ.ପି.ଡ଼ି.ଏମ୍.ଆଇ.ଏସ୍. ପ୍ରହ୍ଲାଦ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ୧୬ ଜଣରୁ ୧୦ ଜଣ ଏଠାରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଠାରୁ ନିଯୁକ୍ତି ପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ସେମାନଙ୍କୁ ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେବା ପାଇଁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିବା ସହିତ ଭଲଭାବେ କାମ କରିବାକୁ ଉପଦେଶ ଦେଇଥିଲେ। ଛୋଟ ବଡ଼ ପଦବୀରେ କିଛି ଯାଏ ଆସେ ନାହିଁ, ଯାହାକୁ ଯେଉଁ ପଦବୀ ମିଳୁଛି, ସେହି ପଦବୀକୁ ମର୍ଯ୍ୟାଦା ଦେଇ ପଦବୀର କ୍ଷମତା ଅନୁଯାୟୀ ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ କଲେ ସମାଜରେ ସମ୍ମାନ ଓ ପରିଚୟ ମିଳେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏନ୍.ଆର୍.ଇ.ଜି.ଏସ୍.ର ସମସ୍ତ ପ୍ରକଳ୍ପର କାର୍ଯ୍ୟକାରୀତା କ୍ଷେତ୍ରରେ ଜି.ଆର୍.ଏସ୍.ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ଏନ୍.ଆର୍.ଇ.ଜି.ଏସ୍.ର ଆଇନ୍ କାନୁନ୍ ସେମାନଙ୍କ ପାଇଁ ଗୀତା ସଦୃଶ ବୋଲି ସେ ପ୍ରକାଶ କରିଥିଲେ। ଏ ବିଷୟରେ ନବ ନିଯୁକ୍ତ ଜି.ଆର.ଏସ୍. ମାନେ ପଢ଼ନ୍ତୁ ଜାଣନ୍ତୁ ଏବଂ ବି.ଡ଼ି.ଓ.ମାନଙ୍କ ମାର୍ଗଦର୍ଶନ ନେଇ ଆନ୍ତରିକତା ଓ ନିଷ୍ଠାର ସହ ନିଜ ନିଜ ଦାୟିତ୍ୱ ନିର୍ବାହ କରି ଲୋକଙ୍କର ସେବା କରନ୍ତୁ ବୋଲି ଜିଲ୍ଲାପାଳ ସେମାନଙ୍କୁ ଉତ୍ସାହିତ କରିଥିଲେ।

# ଋଣଟଙ୍କା ହଡ଼ପ କରି ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ଗିରଫ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ବହୁଚର୍ଚ୍ଚିତ ଆଶୀର୍ବାଦ ଅର୍ଥଲଗାଣକାରୀ ସଂସ୍ଥା ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଆଠଗଡ ପୋଲିସ। ଘଟଣାର ବିବରଣୀରୁ ପ୍ରକାଶ ଯେ ଅପରାହ୍ନରେ ସଂସ୍ଥାର କର୍ମଚାରୀ ପିନାକୀ ସାହୁ ଅଭିଯୋଗ କରିଥିଲେ ଯେ ସେ ବିଭିନ୍ନ ଋଣିଙ୍କ ଠାରୁ କିସ୍ତି ଟଙ୍କା ବାବଦରେ ଅଶି ହଜାର ଟଙ୍କା ଆଦାୟ କରି ଫେରୁଥିଲେ। ରାଧାଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ସମସ୍ତ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ଆଠଗଡ ଥାନାରେ ଏକ ମାମଲା ନମ୍ବର ୩/୨୦୨୪ ଦଫା ୨୯୪ ରୁଜ୍ଜୁ କରାଯାଇ ଉପନିରୀକ୍ଷକ ଶକୁନ୍ତଳା ଦାସଙ୍କୁ ମାମଲାର ତଦନ୍ତ ଭାର ଦିଆଯାଇଥିଲା। ସେହି ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ୍‌କୁ ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ ସେଠାରେ ଏଭଳି ଘଟଣା ଘଟିନଥିଲା। ପୋଲିସର ସନ୍ଦେହ ସଂପୃକ୍ତ କର୍ମଚାରୀଙ୍କ ଆଡ଼କୁ ଯାଇଥିଲା। ତାଙ୍କୁ ଜେରା କରିବା ସମୟରେ ଏହି ଲୁଟ୍ ଘଟଣା ମିଛ ବୋଲି ସେ ସ୍ୱୀକାର କରିଥିଲା। ନିଜର କରଜ ଶୁଝିବା ପାଇଁ ସେ ଟଙ୍କାକୁ ରଖି ମିଛରେ ଏଭଳି ନାଟକ କରିଥିଲା। ପୋଲିସ ତାକୁ ଗିରଫ କରି ସମସ୍ତ ଟଙ୍କା ଜବତ କରିଛି। ଭାରତୀୟ ପିଙ୍ଗଳ କୋଡ଼ ଧାରା ୪୨୦, ୪୦୮ ଓ ୪୦୯ ଦଫାରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କର ଏକ ବାଇକ୍, ନିଜେ ଚିରିଥିବା ପୋଷାକ ଯାହାକି ଲୁଚାଇ ରଖିଥିଲେ ତାକୁ ସାକ୍ଷୀ ମାନଙ୍କ ଉପସ୍ଥିତିରେ ଉଦ୍ଧାର କରାଯାଇ ଜବତ କରାଯାଇଛି।



## ।।।।।।।। ସିଏମ୍‌ସି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ।।।।।।।।

# ସାର୍ଟିଫିକେଟ୍ ପ୍ରଦାନ ପାଇଁ ୩୧୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା:୨୮ଜଣଙ୍କୁ ଦିଆଗଲା ବସ୍‌ପାସ୍

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଗର ନିଗମ (ସିଏମ୍‌ସି) ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତି ବିଭାଗର ମିଳିତ ସହଯୋଗରେ ବୁଧବାର ସ୍ଥାନୀୟ ରାଜାବଗିଚା ସିଟି ହାଇସ୍କୁଲ ପରିସରରେ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୪' ଅନୁଷ୍ଠିତ ହୋଇଯାଇଛି। କଟକ ସହରର ବିଭିନ୍ନ ୱାର୍ଡରୁ ୩୧୦ ଜଣ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ଶିବିରରେ ଯୋଗଦେଇଥିବା ବ୍ୟକ୍ତିବିଶେଷଙ୍କୁ ସେ ଉତ୍ସାହିତ କରି ମନୋବଳକୁ ଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷକରି ସରକାରଙ୍କ ଏକାଧିକ ଯୋଜନା ମାଧ୍ୟମରେ ସେମାନେ ନିଶ୍ଚିତ ଭାବେ ଉପକୃତ ହୋଇପାରିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କର ସ୍ୱୀକୃତିପ୍ରାପ୍ତ ସଂସ୍ଥା ନ୍ୟାସ୍‌ନାଲ୍ କ୍ୟାରିଅର୍ ସର୍ଭିସ୍ ସେଣ୍ଟର୍‌ସ ଫର୍ ଡିଫରେଣ୍ଟଲି ଏବୁଲଡ୍ (ଏନ୍‌ସିଏସ୍‌ସି-ଡିଏ) ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ଏକାଧିକ ଦକ୍ଷତା ସମ୍ପର୍କିତ ଯୋଜନା ଉପରେ ଅବଗତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଏକାଧିକ ଡାକ୍ତର ଶିବିରରେ ଉପସ୍ଥିତ ଲୋକମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଭିନ୍ନକ୍ଷମର ମାତ୍ରା ଯାଞ୍ଚ କରିଥିଲେ। ଉକ୍ତ ଶିବିରରେ ଉପସ୍ଥିତ ୨୮ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ବସ୍ ପାସ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀ ସିଂହଙ୍କ ସମେତ ଷ୍ଟାଣ୍ଡିଂ କମିଟି ଅଧକ୍ଷା ପ୍ରଜ୍ଞା ବେଉରା, କର୍ପୋରେଟର ବନଲତା ପ୍ରଧାନ, ପୁଷ୍ପିତା ମହାନ୍ତି, ରବିନାରାୟଣ ସାହୁ, ଜନାର୍ଦ୍ଦନ ପରିଡା, ଅତିରିକ୍ତ କମିଶନର, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ସିଏମ୍‌ସି ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ପୌରସଂସ୍ଥାର ୪ ପ୍ରକଳ୍ପ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରସଂସ୍ଥା ଦ୍ୱାରା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୪ ଗୋଟି ପ୍ରକଳ୍ପ ବୁଧବାର ଉଦ୍‌ଘାଟନ ହୋଇଯାଇଛି। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ଗୁଡିକୁ ଉଦ୍‌ଘାଟନ କରିଥିବା ବେଳେ ପୌରଅଧ୍ୟକ୍ଷା ସରିତା ସାହୁ, ଉପାଧ୍ୟକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଏମ୍‌ଇ ଦିଲୀପ କୁମାର ସେଠୀ, ଜେଇ ସୁଧାଂଶୁ ବେହେରା, ଆସିଷ୍ଟାଣ୍ଟ ଇଂ ବିଜୟ କେତନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଓଡିଶୋ ମୌଜା ଗୋପ ଠାରେ ୨ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟରେ ମଳ ଉପଚାର କେନ୍ଦ୍ର ନିର୍ମାଣ ହୋଇଛି। ଏଥି ସହିତ ଏକ ରାସ୍ତା ମଧ୍ୟ ଏହି କେନ୍ଦ୍ରରୁ ବାହାରି ପୌରାଞ୍ଚଳର ୭ ନଂ ୱାର୍ଡ ଅରବିନ୍ଦ ସ୍କୁଲ ଦେଇ ସହରର ମୁଖ୍ୟ ରାସ୍ତାକୁ ସଂଯୋଗ କରିବ। ୨୦ ଲକ୍ଷ ଟଙ୍କା ବ୍ୟୟରେ ହଜାରି ବଗିଚା ଠାରେ ଦ୍ରବ୍ୟ ପୃଥିକରଣ କେନ୍ଦ୍ର, ୩୫ ଲକ୍ଷ ଟଙ୍କା ବ୍ୟୟରେ ଚାଟରାପାଟଣା ଠାରେ ଗୋବିନ୍ଦଜୀଉ ପାର୍କ ଏବଂ ୨୦ ଲକ୍ଷ ଟଙ୍କା ବ୍ୟୟରେ ଆଉ ଏକ ଦ୍ରବ୍ୟ ପୃଥିକରଣ କେନ୍ଦ୍ର କଜଳା ଠାରେ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଗୁଡିକ ନିର୍ମାଣ ହେଲେ ସହରବାସୀ ବହୁ ଉପକୃତ ହେବେ ବୋଲି ଜଣାପଡିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ରଂଜିତ ସାହୁ, କାଉନସିଲର ଉମେଶ ନାୟକ, ପ୍ରଦୀପ୍ତ କୁମାର ଜେନା, ପ୍ରଭାଶିଷ ପଣ୍ଡା, ସେକ ଅସଲମ, ରିହାନା ଖାତୁନ, ଜୟନ୍ତୀ ପାଣି, ପୁଷ୍ପଲତା ବେହେରା, କାଳୀ ପ୍ରସାଦ ମିଶ୍ର, ତୁଳସୀ ହେମ୍ବ୍ରମ୍, ନିରାକାର ସ୍ୱାଇଁ, ହିରଣ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# କଟକ ଡିୟର ପାର୍କରୁ ହରିଣ ସ୍ଥାନାନ୍ତରକୁ ବିରୋଧ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଡିୟର ପାର୍କରୁ ହରିଣ ସ୍ଥାନାନ୍ତରକୁ ନଗର ବିଜେପିର ବିରୋଧ। ଡିୟର ପାର୍କ ଆଗରେ କଟକ ନଗର ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଡିୟର ପାର୍କକୁ ସମ୍ପୂର୍ଣ୍ଣ ଖାଲି କରିବା ଗ୍ରହଣୀୟ ନୁହେଁ ବୋଲି ନଗର ବିଜେପି ପକ୍ଷରୁ କୁହାଯାଇଛି। ସୂଚନାନୁଯାୟୀ, ମଙ୍ଗଳବାର ସୁଦ୍ଧା ଡିୟର ପାର୍କରୁ ୪୮ଟି ହରିଣ ସ୍ଥାନାନ୍ତର ହୋଇସାରିଛନ୍ତି। ହରିଣ ସ୍ଥାନାନ୍ତର କରିବା ଲାଗି ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ବିଜେପି ଏହାକୁ ବିରୋଧ କରିଛି। ଚନ୍ଦକା ବଦଳରେ କଟକ ସହର କିମ୍ବା ଏହାର ଆଖପାଖ ଅଞ୍ଚଳରେ ହରିଣଙ୍କୁ ରଖାଯାଉ ବୋଲି ସଙ୍ଗଠନ ଦାବି କରିଛି।

# କେନ୍ଦ୍ର ଆଦିବାସୀ ବ୍ୟାପାର ନିର୍ଦ୍ଦେଶିକାଙ୍କ ମୟୂରଭଞ୍ଜ ଜିଲ୍ଲାଗସ୍ତ:ପିଏମ୍ ଜନମନ ଯୋଜନାର କାର୍ଯ୍ୟକାରିତା ନିରୀକ୍ଷଣ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସମଗ୍ର ଦେଶରେ ଆଦିବାସୀ ମାନଙ୍କ ସମନ୍ୱୟ ବିକାଶ ପାଇଁ ଆରମ୍ଭ ହୋଇଛି ପିଏମ୍ ଜନମନ ଯୋଜନା। ଏଣୁ ଏହି ପରିପ୍ରେକ୍ଷୀରେ ରାଜ୍ୟର ମୁଖ୍ୟ ଆଦିବାସୀ ବହୁଳ ଜିଲ୍ଲା ଭାବେ ମୟୂରଭଞ୍ଜରେ କାର୍ଯ୍ୟକାରୀ ହୋଇ ଚାଲିଛି ଏହି ଯୋଜନା। ଜିଲ୍ଲା ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ତତ୍ପର ଥିବା ବେଳେ, ବୁଧବାର ଦିନ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ନିର୍ଦ୍ଦେଶିକା ତଥା ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ସଂଗୀତା ଗୁପ୍ତା ଜିଲ୍ଲା ଗସ୍ତ କରି ପିଏମ୍ ଜନମନ ଯୋଜନାର ସୁଗମ ମନିଟରିଂ ଏବଂ ଏହାର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ, ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ, ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ତଥା ସମସ୍ତ ଜିଲ୍ଲା ଅଧିକାରୀ, ଜିଲ୍ଲା ସମନ୍ୱୟ କମିଟିର ସମସ୍ତ ସଦସ୍ୟ ଏବଂ ଜିଲ୍ଲା ସ୍ତରୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି, ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଏହି ପଦକ୍ଷେପ ସେମାନଙ୍କର ଅନନ୍ୟ ଆହ୍ୱାନର ସମାଧାନ ତଥା ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇବା ପାଇଁ ସାମର୍ଥ୍ୟ ବହନ କରେ। ଶ୍ରୀମତୀ ଗୁପ୍ତା ଜିଲ୍ଲାର ଯେଉଁ ସବୁ ବ୍ଲକଠାରେ ଏହି ସବୁ କାର୍ଯ୍ୟ ଚାଲିଛି,



ସେସବୁ ବିଶଦ ବିବରଣୀ ଜିଲ୍ଲାପାଳଙ୍କ ଠାରୁ ନେଇ ନିଜର ସନ୍ତୁଷ୍ଟି ପ୍ରକାଶ କରିଥିଲେ ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଏବଂ ଫଟୋ, ଭିଡ଼ିଓ ମାଧ୍ୟମରେ ଏହି ଯୋଜନାକୁ ଲୋକାଭିମୁଖୀ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲପାଳ ଶ୍ରୀ ଭରଦ୍ୱାଜ କହିଥିଲେ ଯେ ଯେଉଁ ସବୁ ଗ୍ରାମବାସୀମାନେ ଏପର୍ଯ୍ୟନ୍ତ ଆଧାର କାର୍ଡର ସୁବିଧା ପାଇଁ ନାହାନ୍ତି, ଜାତିଗତ ପ୍ରମାଣ ପତ୍ର ଯେଉଁଠାରେ ମିଳିନାହିଁ, ସେମାନଙ୍କୁ ତୁରନ୍ତ ଏହି ସୁବିଧା କରାଇବାପାଇଁ ଅଧିକାରୀମାନେ ତତ୍ପର ହେବେ। ସୂଚନା ଯୋଗ୍ୟଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଜାନୁଆରୀ ୧୫ ତାରିଖ ଦିନ ଆଭାସୀ ଜରିଆରେ କିଛି ଜିଲ୍ଲାଙ୍କ ସହିତ ଏହି ବିଷୟରେ ଆଲୋଚନା କରିବେ ଏବଂ ଯେହେତୁ ମୟୂରଭଞ୍ଜ ଜିଲ୍ଲା ଏକ ବିଶେଷ ସ୍ଥାନ ଅଧିକାର କରୁଛି ତେଣୁ ଏହି ଜିଲ୍ଲା ପ୍ରତି ବିଶେଷ ଧ୍ୟାନ ରହିବ। ଏହି ବୈଠକରେ ସମସ୍ତ ଅଧିକାରୀ ମାନଙ୍କୁ ନିଜ ନିଜ କ୍ଷେତ୍ରରେ ହେଉଥିବା ସମସ୍ତ କାର୍ଯ୍ୟକଳାପ ସମସ୍ତଙ୍କୁ ପରଖି ଏହାର ଉତ୍ତମ ଅବଲୋକନ କରିବା ପାଇଁ ଶ୍ରୀମତୀ ଗୁପ୍ତା କହିଥିଲେ। ଇତ୍ୟବସରରେ, ଶ୍ରୀମତୀ ଗୁପ୍ତା, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସ୍ୱାଇଁ, ସମସ୍ତ ଆଇ.ଟି.ଡ଼ି.ଏର ପ୍ରକଳ୍ପ ପ୍ରଶାସକ ମାନେ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୋରଡା ବ୍ଲକର ଚିକିଟାମାଟି ଗ୍ରାମରେ ହେଉଥିବା ପିଏମ୍ ଜନମନ ଯୋଜନା ଅନ୍ତର୍ଗତ ସାଚୁରେସନ୍ ପ୍ରୋଗ୍ରାମ୍ ପରିଦର୍ଶନ କରି ଲୋକମାନଙ୍କ ସହିତ ସବିଶେଷ ଆଲୋଚନା କରିଥିବାର ପ୍ରକାଶ।

# ଜୟନ୍ତୀ ପାଳନ ଅବସରରେ ଜାନକୀ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜନନାୟକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳନ ହୋଇଯାଇଛି। ଏହି ଅବସରରେ ଡ଼ାକବଙ୍ଗଳା ଛକରେ ଥିବା ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ କୁମାର ଜେନା, କଂଗ୍ରେସ ନେତା ମାନସ କୁମାର ରଥ, ସୁଦର୍ଶନ ବେହେରା, ଅବନୀକାନ୍ତ ମହାରଣା, ସରପଞ୍ଚ ଲିପକ କୁମାର ସାହୁ, ପୂର୍ବତନ ସରପଞ୍ଚ ନାରାୟଣ କାନୁନ୍‌ଗୋ, ସଂଖ୍ୟାଲଘୁ ସେଲ୍ ନେତା ଇମତିଆଜ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଅନନ୍ତ ବାସୁଦେବ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଆଗାମୀ ନିର୍ବାଚନ ମୁକାବିଲା ପାଇଁ ଏକ୍‌ଜୁଟ୍ ହେବାକୁ କଂଗ୍ରେସ କର୍ମୀ ମାନଙ୍କୁ ଆହ୍ୱାନ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ସ୍ଥିତ ବ୍ରିଜ୍ ଛକ ଷ୍ଟାଡିୟମ୍ ପଡିଆରେ କଂଗ୍ରେସର କର୍ମୀ ସମାବେଶରେ ହଜାର ହଜାର କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଏକ୍‌ଜୁଟ୍ ହେବାପାଇଁ ସବୁ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଦେଲେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା। ଏହି ବନ୍ଧୁ ମିଳନ ସମାବେଶରେ ଆନନ୍ଦପୁର ଉପଖଣ୍ଡରେ କୋଣ ଅନୁକଣରୁ ଆସିଥିବା ବରିଷ୍ଠ କର୍ମକର୍ତ୍ତା ନିଜ ଅଭିଭାଷଣ ରଖିବା ସଂଗେ ସଂଗେ ଆଗାମୀ ନିର୍ବାଚନରେ ଏକ୍‌ଜୁଟ୍ ହୋଇ ନିର୍ବାଚନ ଲଢ଼ିବାକୁ ମତ ରଖିଥିଲେ। ଏହି ବିଶାଳ ସମାବେଶରେ ଜିଲ୍ଲା କାର୍ଯ୍ୟ କାରିଣୀ ସଭ୍ୟ ଶ୍ରୀଧର ଦଳେଇଙ୍କ ସଭାପତିତ୍ୱରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମନୋଜ କୁମାର ଜେନା, ଜିଲ୍ଲା ସଭାପତି ମୋହନ ପରିଡା, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଭାନେତ୍ରୀ ସୁଶ୍ରୀ ସଂଗୀତା ସିଂ ଏବଂ ମ୍ୟୁନିସିପାଲିଟି ସଭାପତି ହାଡିବନ୍ଧୁ ଖୁଣ୍ଟିଆ ନିଜର ଅଭିଭାଷଣ ରଖି ଆଗାମୀ ନିର୍ବାଚନରେ ସବୁ କର୍ମୀ ଏକାଠି ହୋଇ ନିର୍ବାଚନରେ କିପରି ସଫଳ ହେବେ ଗୁରୁ ମନ୍ତ୍ର ଦେଇଥିଲେ।

## ।।।।। ଲଙ୍ଗଳେଶ୍ୱରରେ ରାଜ୍ୟସ୍ତରୀୟ ଲୋକକଳା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ।।।।।

# ଲୋକକଳା ଆମ ସଂସ୍କୃତିର ମହାନ ପରମ୍ପରା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଲଙ୍ଗଳେଶ୍ୱର ସ୍ଥିତ ବାବା ଛତ୍ରେଶ୍ୱର ମନ୍ଦିର ଯାତ୍ରା ପଡିଆ ଠାରେ ପଲ୍ଲୀ ବିକାଶ ପାଠାଗାର ସଂସ୍କୃତି ବିଭାଗ, ଆଞ୍ଚଳିକ କଳା ଓ ସାଂସ୍କୃତିକ ସଂଗଠନ ଲଙ୍ଗଳେଶ୍ୱର, ଗଞ୍ଜାମ ପକ୍ଷରୁ ତିନ ଦିନ ଧରି ଚାଲିଥିବା ୨୯ ତମ ରାଜ୍ୟ ସ୍ତରୀୟ ଲୋକକଳା ଓ ସାଂସ୍କୃତିକ ମହୋତ୍ସବ-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା-ନିର୍ଦ୍ଦେଶକ ପ୍ରହ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଚେୟାରମ୍ୟାନ ଦଇତାରୀ ବେହେରା, ବ୍ଲକ୍ କଳାକାର ସଂଘର ସଭାପତି ଦିଗାମ୍ବର ମହାରଣା, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ ମୁମ୍ବାଇର ସଙ୍ଗୀତ ଗୁରୁ ଡି. ଜଗନ୍ନାଥ ଦୋରା, ସମ୍ମାନିତ ବକ୍ତା ଭାବେ ଗଞ୍ଜାମ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଯୋଗଦେଇ ଲୋକକଳା ହିଁ ଆମ ସଂସ୍କୃତିର ମହାନ୍ ପରମ୍ପରା ବୋଲି ଆଲୋକପାତ କରିଥିଲେ। ସମସ୍ତ ଅତିଥି ବୃନ୍ଦ ସଂଗଠନର ଏପରି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଦ୍ୱିତୀୟ ଦିବସକୁ ଲଙ୍ଗଳେଶ୍ୱର ସମିତି ସଭ୍ୟ ପଦ୍ମଚରଣ ଦଳେଇ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ଭାବନା ସାରସ୍ୱତ ପରିଷଦର ଅଧ୍ୟକ୍ଷ ରବିନ୍ଦ୍ର କୁମାର ମଲ୍ଲ ଓ ବିଶେଷ ଅତିଥି ଭାବେ କଳା ଓ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ମଞ୍ଚାସୀନ ରହି କଳାକାର ମାନଙ୍କୁ ଅଭିପ୍ରେରଣା ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ପ୍ରାୟ ପାଞ୍ଚ ଶହ ଓ ଦ୍ୱିତୀୟ ଦିବସରେ ସେହିପରି ଚାରି ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର କଳାକାର ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ଏହାକୁ ଶହ ଶହ ଦର୍ଶକ ଉପଭୋଗ କରିଥିଲେ। ତୃତୀୟ ଦିବସୀୟ ସାଂସ୍କୃତିକ ପର୍ବ ସାରସ୍ୱତ ସମାରୋହରେ ପ୍ରାୟ ଶତାଧିକ କବି ଯୋଗଦେଇ ସ୍ୱ-ରଚିତ କବିତା ପାଠ କରିଥିଲେ। ଏହାକୁ ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ, କେଶପୁର କଲେଜର ଅଧାପକ ବିଷ୍ଣୁ ପ୍ରସାଦ ଦାସ, ଭଞ୍ଜନଗରର ବରିଷ୍ଠ କବି ପ୍ରଭାତ ଆଚାର୍ଯ୍ୟ ପ୍ରମୁଖଙ୍କ ମିଳିତ ସଂଯୋଜନା ଉପସ୍ଥିତ ଶ୍ରୋତାମାନଙ୍କୁ ମୋହିତ କରିଥିଲା। ଏଥିରେ କବି ପଞ୍ଚାନନ ଖଟୁଆ, ବିକ୍ରମାଦିତ୍ୟ ବାରିକ, ବ୍ରଜବନ୍ଧୁ ବେହେରା, ନମିତା ମହାନ୍ତି, ସୁରେନ୍ଦ୍ର ବେହେରା, ମଦନ ମୋହନ ମହାପାତ୍ର, ଅରୁଣ ଅଗ୍ରୱାଲ, ଘନଶ୍ୟାମ ବେହେରା, ଦିଲୀପ କୁମାର ସ୍ୱାଇଁ, ଦୁର୍ଗାପ୍ରସାଦ ସାହୁ, ଭୋବନୀ ପଣ୍ଡା, ବିଚିତ୍ରା ନନ୍ଦ ବେହେରା, ଦୀନବନ୍ଧୁ ଦାସ, ସରୋଜବାଳା ପଟ୍ଟନାୟକ, ଅଖିଳ ସ୍ୱାଇଁ, ବିରଞ୍ଚି ନାରାୟଣ ବେହେରା, ନିର୍ଝରଣୀ ଦାସ, ମମତା ପଣ୍ଡା, ବାଦଲ ପଲେଇ, ରଶ୍ମି ରଞ୍ଜିତା ମିଶ୍ର ଓ ଧ୍ରୁବ ଚରଣ ବେହେରା ଆଦି ରାଜ୍ୟର ବିଭିନ୍ନ ଜିଲ୍ଲାର ବହୁ ବିଶିଷ୍ଟ କବିମାନେ ଯୋଗଦେଇ ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ତିନିଦିନର ମହୋତ୍ସବ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରା ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ସୁରଥ ବେହେରା ଓ ସନ୍ତୋଷ ବେହେରା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଦିବଙ୍ଗତ ସଦସ୍ୟ ଗଗନ କୁମାର ବେହେରାଙ୍କ ସ୍ମୃତିରେ କବି ବିଶ୍ୱନାଥ ଶତପଥୀଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବି କିଶୋର ସାହୁ, ଆଭାକାନ୍ତ ମହାନ୍ତି, ସୁତ୍ତମ କୁମାର ନାୟକ, ସଂଯୁକ୍ତା ପରିଚ୍ଛା, ଗବେଷକ ଅଶୋକ ସାହୁ, ପାଲାଗାୟକ ସତ୍ୟପ୍ରିୟ ବେହେରା, ଗୀତିକାର ପ୍ରମୋଦ ରାଉଳ, କଳାକାର ଅଭିମନ୍ୟୁ ନାୟକ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖଙ୍କ ପ୍ରତିଭା ନିମନ୍ତେ ବିଭିନ୍ନ ଉପାଧିରେ ଭୂଷିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଲୋକକଳା ମହୋତ୍ସବରେ ଅଂଶଗ୍ରହଣ କରିଥିବା କବି ଓ କଳାକାରମାନଙ୍କୁ ଅନୁଷ୍ଠାନ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୫।୧।୨୦୨୪, ପୌଷ ଦି୨୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୬।୨୨।୪୭** **ଚନ୍ଦ୍ରୋଦୟ- ରାଘ୧।୧୦।୦୮**

ନବମୀ- ରାଘ ୧୧।୪୬ ପର୍ଯ୍ୟନ୍ତ। ଚିତ୍ରା ନକ୍ଷତ୍ର - ରାଘ ୭।୪୯ ପର୍ଯ୍ୟନ୍ତ। କନ୍ୟା ଚନ୍ଦ୍ର - ପ୍ରାଘ ୬।୪୫ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି -** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର। ପ୍ରାଘ ୬।୪୫ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। **ଘାତଚନ୍ଦ୍ର-** ପ୍ରାଘ ୬।୪୫ ମଧ୍ୟେ ବୃଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧୧।୪୬ ପରେ କଳମ ଶାଗ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୨୬ ଗତେ ଘ ୭।୦୯ ମଧ୍ୟେ ଦିଘ ୧୨।୧୩ ଗତେ ଘ ୩।୦୭ ମଧ୍ୟେ।



**ମେଷ:** ବେଶ୍ ପ୍ରଶଂସା ଲାଭ କରିବେ। ମନରେ ଅଦମ୍ୟ ଉତ୍ସାହ ଆସିବ। ଦୁଃସାହସିକ ହେବେ। ଶାରିରିକ ସୁସ୍ଥତା ଅନୁଭବ କରିବେ। ଗୃହେ ଆନନ୍ଦ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ରୋଜଗାର ମଧ୍ୟମ ଧରଣର ହେବ। ସୁସମ୍ବାଦ ଲାଭ କରିବେ। ପରିବାରରେ ବାଦ ବିବଦାର ଆଶଙ୍କା। ଯାହା କିଛି କରିବେ ଆଗରୁ ଚିନ୍ତା କଲେ ଭଲ।



**ମିଥୁନ:** ରୋଜଗାରରେ ବାଧା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତିର ସୂତ୍ରପାତ କରାଇବ। ଅଶାନ୍ତି ବୋଧ ହେବ। ଏଣୁ କଳି ତକରାଳ ସୃଷ୍ଟିର ସମ୍ଭାବନା। ନୂତନ ବନ୍ଧୁ ଜୁଟିବାର ସମ୍ଭାବନା।



**କର୍କଟ:** ମନରେ ଶତ ସିଂହର ବଳ ନେଇ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ଉଚ୍ଚ ଆଶା ଫଳବତୀ ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ପ୍ରାଧାନ୍ୟ ବୃଦ୍ଧି। ମାନସିକ ଶାନ୍ତି ଲାଭ ହେବ।



**ସିଂହ:** କର୍ମହାନୀ, ମନରେ ଦୁର୍ବଳତା ଆସିବ। ନାନା ଦୁର୍ଭାବନା ମନକୁ ଅଚଳ କରିବ। ଆଳସ୍ୟତା ଆସିବ। ରୋଜଗାର ମଧ୍ୟମ ହେବ। ଦୂରଯାତ୍ରା ସ୍ଥଗିତ ରହିପାରେ। ପାରିବାରିକ ଶାନ୍ତି ବଜାୟ ରହିବ।



**କନ୍ୟା:** ଆଜି ଦିନଟି ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟିବ। ବାକିଥିବା କାର୍ଯ୍ୟ ନିର୍ବାହ ହେବ। ରୋଜଗାରରେ ସମସ୍ୟା ଦେଖାଦେବ। ଭୋଜନେ ତୃପ୍ତି ଲାଭ। ପାରିବାରିକ ଆଦର ବୃଦ୍ଧି। କର୍ମକ୍ଷେତ୍ରରେ ଉଜ୍ଜ୍ୱଳମୟ ହେବ।



**ତୁଳା:** ବିଭିନ୍ନ ଦିଗରୁ ସହକର୍ମୀ ମାନଙ୍କ ଅସହଯୋଗ ବଢ଼ିବ। କର୍ମହାନୀର ସୂଚନା। ପଥରୋଧର ଆଶଙ୍କା। ଆୟରେ ବାଧା ଜାତ ହେବ। ପରିବାରରେ ବାଦବିବାଦ ଦେଖାଦେବ। ଶତ୍ରୁ ପ୍ରତି ସତର୍କ ରହିବେ।



**ବିଛା:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଅଗ୍ରଗତି କରିଚାଲିବେ। ଅଳ୍ପ ଆୟରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଦୟାଳୁ ହେବେ। ଆର୍ଥିକ ଆଶା ନିରର୍ଥକ ହେବ। ଦେହ ଓ ମନ ଭଲ ରହିବାର ସୂଚନା।



**ଧନୁ:** ଆଜି ଦିନଟି ବେଶ୍ ଭଲରେ ବିତିବ। ଦୂରଯାତ୍ରା କରି ଆନନ୍ଦିତ ହେବେ। କାର୍ଯ୍ୟ ସିଦ୍ଧି ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁ ସହଯୋଗ ପାଇବେ। ପାରିବାରିକ ସହଯୋଗ ଲାଭ କରିବେ।



**ମକର:** କର୍ମଚ୍ୟୁତିର ଆଶଙ୍କା। ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସହଯୋଗ ମିଳିବ ନାହିଁ। ରୋଜଗାରରେ ବାଧା ଦେଖାଦେଇପାରେ। ଅଳସୁଆ ହେବେ। ପରିବାରରେ ଅଶାନ୍ତି ଦେଖାଦେବ। ମହିଳାମାନେ ଗର୍ବୀ ହେବେ।



**କୁମ୍ଭ:** କର୍ମକ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ନିଜକୁ ଏକୁଟିଆ ଭାବିବେ। ଶାରୀରିକ ଅସୁସ୍ଥତା ପାଇଁ ଅର୍ଥରେ ବାଧା ସୃଷ୍ଟି ହେବ। ପରିବାରରେ ସହଯୋଗ ପାଇବେ। ଶୁଭ ଖବର ପାଇବାର ସୂଚନା।



**ମୀନ:** ଦୂରଯାତ୍ରା ସାଫଲ୍ୟ ମଣ୍ଡିତ ହେବ। ବନ୍ଧୁ ମିଳନର ସୁଯୋଗ ଆସିବ। ସାହାଯ୍ୟ ସହଯୋଗ ପାଇପାରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପରିବାରରେ ଆନନ୍ଦ ଉଲ୍ଲାସ ଲାଗି ରହିବ।



# ରାସାୟନିକ ବିପର୍ଯ୍ୟୟର ଅଭିମୁଖୀକରଣ ଓ ସମନ୍ୱୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଏନ.ଆଇ.ସି ସମ୍ମିଳନୀ କକ୍ଷରେ ବୁଧବାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଏକ ରାସାୟନିକ ବିପର୍ଯ୍ୟୟର ଅଭିମୁଖୀକରଣ ଏବଂ ସମନ୍ୱୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀ ତଥା ଫାଲକନ ଇଣ୍ଡଷ୍ଟ୍ରି ଓ ଇଣ୍ଡେନ ବଟଲିଂ କମ୍ପାନୀର ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁଥିବା ମକ୍ ଏକ୍ସରସାଇଜ୍ ବିଷୟରେ ଏନ୍‌ଡ଼ିଏମ୍‌ଏ ଅଧିକାରୀ ଅନ୍‌ଲାଇନ୍ ମାଧ୍ୟମରେ ବୈଠକରେ ଯୋଡିହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଯୋଗଦେଇ ଓସଡମା ଅଧିକାରୀମାନେ କାର୍ଯ୍ୟକ୍ରମର ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଥିଲେ। ରାସାୟନିକ ବିପର୍ଯ୍ୟୟର ସମୟରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକର ସହଭାଗିତା ଏହି ସଭାର ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆସନ୍ତା ୮ ତାରିଖରେ ଜିଲ୍ଲା ପ୍ରସ୍ତୁତି ବୈଠକ, ୯ ତାରିଖରେ ଟେବୁଲ ଟପ୍ ଏକ୍ସରସାଇଜ୍ ଏବଂ ୧୧ ତାରିଖରେ ମକ୍ ଏକ୍ସରସାଇଜ୍ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

ସମ୍ପାଦକୀୟ
28 YEARS
ସମ୍ବାଦ କଳିକା

# କର୍ପୋରେଟ୍ ଜଗତରେ ଜିଏସଟି ଆତଙ୍କ

କର୍ପୋରେଟ୍ ଜଗତ ପାଇଁ ନୂଆବର୍ଷ ଖୁସି ଆଣିବା ବଦଳରେ ଚିନ୍ତାର କାରଣ ପାଲଟିଛି। ବହୁ ସଂଖ୍ୟାରେ କଂପାନିକୁ ଜିଏସ୍‌ଟି ନୋଟିସ୍ ମିଳିଛି। ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)କୁ ୮୦୬ କୋଟି ଟଙ୍କାର ନୋଟିସ୍ ମିଳିଥିଲା। ପ୍ରଥମେ ମହାରାଷ୍ଟ୍ର ଓ ପରେ ତେଲେଙ୍ଗାନା ପକ୍ଷରୁ ଏଲ୍ଆଇସିକୁ ଜିଏସ୍‌ଟି ନୋଟିସ୍ ପଠାଯାଇଛି। ସେହିପରି, ହିନ୍ଦୁସ୍ତାନ ୟୁନିଲିଭରକୁ ୪୪୭.୫ କୋଟି ଟଙ୍କାର ଜିଏସ୍‌ଟି ନୋଟିସ୍ ମିଳିଛି। ପାଞ୍ଚଟି ରାଜ୍ୟ ଏହି ନୋଟିସ୍ ପଠାଇଛନ୍ତି। ଜୋମାଟୋକୁ ୪୦୨ କୋଟି ଟଙ୍କାର ନୋଟିସ୍ ମିଳିଛି। ଆଇସର ମୋଟର୍ସ, ଏସିଆନ ପେଣ୍ଟ୍ସ, ନେସ୍‌ଲେ ଇଣ୍ଡିଆ ଏବଂ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍‌କୁ ମଧ୍ୟ ଜିଏସ୍‌ଟି ନୋଟିସ୍ ମିଳିଛି। ଗେମିଂ ଶିଳ୍ପକୁ ୧.୫ ଲକ୍ଷ କୋଟି ଟଙ୍କାର ଟିକସ ନୋଟିସ୍ ପଠାଯାଇଥିବା ବେଳେ ବୀମା ଶିଳ୍ପକୁ ୫,୫୦୦ କୋଟି ଟଙ୍କା ଏବଂ ରିଅଲ ଇଷ୍ଟେଟ୍ ଶିଳ୍ପକୁ ୨୦୦୦ କୋଟି ଟଙ୍କାର ଟିକସ ନୋଟିସ୍ ଜାରି କରାଯାଇଛି। ଟିକସ ନୋଟିସ୍ ପାଇଥିବା କଂପାନିଗୁଡ଼ିକର ଚିନ୍ତା ବଢ଼ିଯାଇଛି।

ସେମାନେ ଗୁରୁତ୍ୱପୂର୍ଣ୍ଣ କାମ ଉପରୁ ଧ୍ୟାନ ହଟାଇ ଟିକସ ସମସ୍ୟାର ସମାଧାନ କରିବା ଉପରେ ମନୋନିବେଶ କରିଛନ୍ତି। କିଛି କଂପାନି ଗୁରୁତ୍ୱପୂର୍ଣ୍ଣ ଅଧିଗ୍ରହଣ ଓ ମିଶ୍ରଣକୁ ଟାଳି ଦେଇଥିବା ବେଳେ ଆଉ କିଛି ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରୁଛନ୍ତି। ଯାହା ଜଣାପଡ଼ିଛି ପ୍ରଯୁକ୍ତିକୁ ବ୍ୟବହାର କରି ଏକାଧିକ ନୋଟିସ୍ ପଠାଯାଇଛି। କମ୍ପ୍ୟୁଟରରୁ ସୃଷ୍ଟି ହୋଇଥିବା ଏହି ନୋଟିସ୍‌ଗୁଡ଼ିକ ପଛରେ ମାନବ ହସ୍ତକ୍ଷେପ ନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି ନୋଟିସ୍‌ଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମଧ୍ୟ କରାଯାଇନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୦



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୭୮୨୯୮୪୯୪

ସମୟର ତରଙ୍ଗ ବହି ଚାଲିଛି। କାହାକୁ ସେ ପ୍ରତୀକ୍ଷା କରେନାହିଁ। କାହାର ଦୁଃଖ, ସୁଃଖ, ପାପ, ପୁଣ୍ୟ, ଧର୍ମ ଅଥବା ଅଧର୍ମ, କାହାକୁ ସେ ଛାଡେନି, ସମସ୍ତଙ୍କୁ ତା'ର କରାଳ ସ୍ରୋତରେ ଭସେଇ ନେବ। ସେ ନିର୍ବିକାର, ନିର୍ଲିପ୍ତ, ସମୟ କାହାକୁ କେବେ ବି କହିନି, ତୁମେ ଅପେକ୍ଷା କର, ତୁମ ପାଖରେ ଯାଇ ପହଞ୍ଚୁଛି, ଯାହା କିଛି ତୁମ ଜୀବନରେ ଲକ୍ଷ୍ୟ ଅଛି ତାକୁ ତୁରନ୍ତ ସମାପ୍ତ କରିଦିଅ। ଏ ଭଳି ସୂଚନା ସେ କେବେ କାହାକୁ ସେ ଦିଏ ନାହିଁ। କାରଣ ମଣିଷ ଏହାକୁ ଭଲ ଭାବରେ ଉପଲବ୍ଧି କିମ୍ବା ନ କରୁ ତା'ର ସେଥିପ୍ରତି ଚିନ୍ତାନଥାଏ। କାରଣ ସେ ପୃଥୀବୀରେ ସମସ୍ତଙ୍କୁ ତା'ର ଅଦୃଶ୍ୟ ବଳିଷ୍ଠ ବକ୍ଷ ମଧ୍ୟରେ ଆଶ୍ରୟ ଦେଇ ଚାଲିଛି, ଏ କଥାକୁ ମଣିଷ ଜାଣି ବି ମୋହ ମାୟାରେ ସେ ଅଜଣା ହୋଇଯାଉଛି। ମୋ ବ୍ୟତୀତ ଆଉ କୌଣସି ବିକଳ୍ପ ନାହିଁ ଏ ବିଶ୍ୱ ବ୍ରହ୍ମାଣ୍ଡରେ। କେହି ଜଣେ ହେଲେ ମୋ ପଞ୍ଝା ମଧ୍ୟରୁ ମୁକ୍ତ ହୋଇ ନାହାନ୍ତି କିମ୍ବା କୋଟି କୋଟି ବର୍ଷ ପରେ କେହି ମଧ୍ୟ ମୁକ୍ତ ହୋଇ ପାରିବେନି। ଅଣୁରୁ ପରମାଣୁ ଓ ଭୂମିରୁ ଭୂମା ପର୍ଯ୍ୟନ୍ତ କାହାକୁ ମୋ କବଳରୁ ନିସ୍ତାର ନାହିଁ। ସମସ୍ତେ ଧାବମାନ ହେବାରେ ଲାଗିଛନ୍ତି ମୋ ପ୍ରଳୟ ଗର୍ଭରେ ଲୀନ ହେବା ପାଇଁ। ମୋର କଳ୍ପନାତୀତ ମାୟାରେ ମୁଁ ଏ ବିଶ୍ୱ ବ୍ରହ୍ମାଣ୍ଡକୁ ଏପରି ଭାବେ ବାନ୍ଧି ରଖିଛି, ଯାହାକୁ ଦେଖି ଅନେକ ମଣିଷ ଆଶ୍ଚର୍ଯ୍ୟ ହୋଇଯାନ୍ତି ପୁଣି ସେହି ମାୟାର ମହାସାଗର ମଧ୍ୟରେ କ୍ଷୁଦ୍ର ତୃଣଭଳି ଭାସି ଭାସି ନିଶ୍ଚିହ୍ନ ହୋଇଯାନ୍ତି। ମୋର ଆଦି ଅନ୍ତରୁ ସାମାନ୍ୟ ଧୂଳି କଣାଟିଏ ଭଳି ଜ୍ଞାନ ଆହରଣ କରିପାରନ୍ତି ନାହିଁ। ସେ ସୁଯୋଗ ବି ଏପର୍ଯ୍ୟନ୍ତ ମୁଁ କାହାକୁ ଦେଇ ନାହିଁ କିମ୍ବା ଦେବି ନାହିଁ। ମୋର ମାୟାକୁ ଜାଣିବା ପାଇଁ ମୋ ପଛେ ପଛେ ପଶ୍ଚାତ୍‌ଧାବନ କରୁଥିବା ମଣିଷର ଆୟୁ ସମାପ୍ତ ହୋଇଯାଏ ସିନା କିନ୍ତୁ ମୋର ଆଦି, ଅନ୍ତ ମଧ୍ୟରୁ ସାମାନ୍ୟ ଧୂଳି କଣା ସଦୃଶ ଉପାଦାନକୁ ବୁଝିପାରେନି। ଆଜି ଠିକ୍ ସେହି ଅବସ୍ଥାରେ ପହଞ୍ଚି ଯାଇଛନ୍ତି ରଘୁବଂଶର ମଉଡମଣି ଶ୍ରୀରାମଙ୍କର। କିନ୍ତୁ କାହିଁକି ? ସେ ଆଜି ଅବୋଧ ଶିଶୁଟି ଭଳି କ୍ରନ୍ଦନ କରୁଛନ୍ତି ? ସେ ଭାବୁଛନ୍ତି ସେ ନିଜେ ବଡଭାଇ ଭାବରେ ଜନ୍ମ ନେଇ ଯଦି ସାନଭାଇର ତାଙ୍କ ଆଗରେ ମୃତ୍ୟୁ କରେ ତେବେ ଏହି କଠୋର ତମ ସତ୍ୟକୁ ହଜମ କରି ପାରୁନାହାନ୍ତି। ଯେଉଁ ସାନ ଭାଇ ଲକ୍ଷ୍ମଣଙ୍କ କାନ୍ଧରେ ତାଙ୍କର ଶବ ଶ୍ମସାନ ଘାଟ ପର୍ଯ୍ୟନ୍ତ ଯିବା କଥା, ସେ ଭାଇ ଆଜି ତାଙ୍କ ସମ୍ମୁଖରେ ମୃତ୍ୟୁ ବରଣ କରିବା ବାସ୍ତବରେ ଏହି କଥା ଭାବିଲା ବେଳକୁ ମୁଁ ବି ହତବାକ୍ ହୋଇଯାଉଛି, କିନ୍ତୁ ମୁଁ କରିବି କ'ଣ ? ଏ ଦୁନିଆରେ କେହି ହାତ ଧରାଧରି ହୋଇ ଜନ୍ମ ହୋଇନାହାନ୍ତି, କିମ୍ବା କେହି ହାତ ଧରାଧରି ହୋଇ ମହାପ୍ରସ୍ଥାନ କରିବେ ନାହିଁ। ଏହା ନିର୍ମମ ସତ୍ୟ। ଏହା ପରେ ଲକ୍ଷ୍ମଣଙ୍କ ପରି ଭାଇ ଏସଂସାରରେ ତାଙ୍କୁ ମିଳିବେ ନାହିଁ। ଏହା ବି ସତ୍ୟ, କିନ୍ତୁ ଏଥିରେ ମୋର ଭୁଲ କ'ଣ ? ତେବେ ଏକଥା ବି ମୁଁ ଭଲଭାବେ ଜାଣେ ଲକ୍ଷ୍ମଣ ବିହୀନ ପୃଥିବୀ ଉପରେ ସେ ଆଉ ରହିପାରିବେ ନାହିଁ ଏବଂ ସେ ସ୍ୱତଃ ଦେହ ତ୍ୟାଗ କରିବେ। ଏହାବି ବିଧାତା ଚାହୁଁଛନ୍ତି, ଏଥିରେ ମୋର ଭୁଲ କଣ ? କ'ଣ ସେ ଭାବୁଛନ୍ତି ? ଲକ୍ଷ୍ମଣଙ୍କର ଏ ଦୁର୍ଦ୍ଦଶା ପାଇଁ ମୁଁ ଦାୟି ହୋଇ ପାରିବି କି ? ମୋତେ ଅଭିଶାପ ଦେବେ ? ମୋତେ ହତ୍ୟା କରିବେ ? ମୋର ଅସ୍ତିତ୍ୱକୁ ଏହି ଠାରୁ ସମାପ୍ତ କରିଦେବେ ? ମୋର ସର୍ବନାଶ କରିବେ ? କ'ଣ କରିବେ କରୁନାହାଁନ୍ତି, ତାଙ୍କୁ ବାଧା ଦେଉଛି କିଏ ? ମୋତେ ତ ଆଜି ଦୁଃଖ ଲାଗୁଛି ଶ୍ରୀରାମଙ୍କର ଏହି ଅବୁଝାପଣିଆକୁ ଦେଖି। ଯିଏ ସବୁ ଜାଣି ଶୁଣି, ସବୁ ବୁଝି ଶୁଝି, ପ୍ରକୃତିର ନିୟମକୁ ବିରୋଧ କରେ, ଅବୁଝା ହୁଏ, ତାକୁ କ'ଣ କୁହାଯିବ ? ମୁଁ ତାଙ୍କ ସମ୍ମୁଖରେ ବସିଥିବା ବେଳେ, ସେ ଭାବୁଥିଲେ ବଶିଷ୍ଠଙ୍କ ପରାମର୍ଶ କଥା। ସେ କୁଆଡେ ଯେତେବେଳେ ରାଜସିଂହାସନ ଆରୋହଣ କଲେ ତାଙ୍କୁ କୁଆଡେ ବଶିଷ୍ଠ କହିଥିଲେ 'ହେ ରାମ! ତୁମେ କେବେହେଲେ କାହା ନିକଟରେ କୌଣସି ପ୍ରସଙ୍ଗକୁ ନବୁଝି ନଶୁଝି ସତ୍ୟ କରିବ ନାହିଁ। ତୁମ ବଂଶର ବହୁ ପ୍ରାତଃ ସ୍ମରଣୀୟ ନରପତି ଏହି ସତ୍ୟ ବାକ୍ୟ ଅନ୍ୟମାନଙ୍କୁ ପ୍ରଦାନ କରି ଅକଥନୀୟ ଦୁର୍ଦ୍ଦଶାର ଶୀକାର ହୋଇଛନ୍ତି, ତେଣୁ ତୁମେ ଆଜି ଠାରୁ କାହା ନିକଟରେ ସତ୍ୟ କରିବ ନାହିଁ।ଭଲ ଭାବେ ବୁଝି ଶୁଝି କରିବା ଅବଶ୍ୟ ଠିକ୍ କଥା କହିଥିଲେ ବଶିଷ୍ଠ, କିନ୍ତୁ ନିଜେ ବଶିଷ୍ଠ କ'ଣ କାଳର ବଶବର୍ତ୍ତୀ ନୁହନ୍ତି ? ସେ କାଳର ପ୍ରବହମାନ ମହାସ୍ରୋତରେ କୁଟା ଖିଅ ଭଳି ଭାସମାନ ହେଉନାହାନ୍ତି ? ଅବଶ୍ୟ ମୁଁ ଏଠାରେ କାହାର ଦୋଷ, ଦୁର୍ବଳତା, ଭୁଲ୍, ଠିକ୍ ବିଚାର କରୁନାହିଁ। ମୁଁ ହେଉଛି ଏକ ନୀରବ ଦର୍ଶକ, କେବଳ ଦେଖିବା ପାଇଁ ଚାହିଁଛି, ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି ଯେଉଁ ଶ୍ରୀରାମଙ୍କୁ ସଂସାର କୁହେ, ସେହି ଶ୍ରୀରାମଙ୍କର ବିଚାର ପ୍ରକ୍ରିୟାର ନିଷ୍କର୍ଷ କେଉଁ ଆଡକୁ ଧାବମାନ ହେଉଛି। ଠିକ୍ ଅଛି, କେବଳ ପ୍ରତୀକ୍ଷା। ପ୍ରଥମେ ମୁଁ ତାଙ୍କ ନିକଟରେ ବସିଥିବା ବେଳେ ସେ ମୋର ଆପାଦ ମସ୍ତକ ଲକ୍ଷ୍ୟ କରୁଥିଲେ। ମୋର ତାପସ ବେଶ, ମୋ ମସ୍ତକର ଜଟାଜୁଟ କେଶ ରାଶି, ଧୂସର ବର୍ଣ୍ଣ, ଫିକାପଡିଯାଇଥିବା ଚକ୍ଷୁ ଦ୍ୱୟକୁ ଲକ୍ଷ କରି ଭାବି ନେଇଥିଲେ ଯେ, ମୋ ଭଳି ଜଣେ ସାଧାରଣ ଅକିଞ୍ଚନ ଧୂଳି ଧୂସରିତ ମଣିଷର ରାଜ ଦରବାରରେ ଉପସ୍ଥିତ ହେବାର ଅର୍ଥ କ'ଣ ହୋଇପାରେ ? କିଛି ଧନ, କିଛି ନିର୍ଭରଯୋଗ୍ୟ ଆଶ୍ୱାସନା। କିଛି ମମତ୍ୱବୋଧର କୋମଳ ନିର୍ଭର ଶୀଳତା ଏବଂ ଭୂରି ଭୋଜନର ବିପୁଳ ସରଞ୍ଜାମ ସହିତ ଅଜସ୍ର ପାରିତୋଷିକ ପ୍ରଦାନ କରିଦେଲେ, ବୋଧ ହୁଏ ଏ ଆଗନ୍ତୁକଙ୍କ ମନ ସନ୍ତୁଷ୍ଟ ହୋଇଯିବ, ତେଣୁ ମୋ ନିକଟରେ ସତ୍ୟ ବାକ୍ୟ ପ୍ରଦାନ କରିଦେଲେ ସେପରି କିଛି କ୍ଷତି ଘଟିବ ନାହିଁ। ତେଣୁ ମୋ ନିକଟରେ ତ୍ରୀବାର ସତ୍ୟ କରି ଦେଲେ ଶ୍ରୀରାମ। ଏହା ତାଙ୍କର ଭୁଲ ବୋଲି କହି ନ ପାରେ। କିନ୍ତୁ ଏତିକି କଥା ପ୍ରତ୍ୟେକ ମଣିଷ ଭିତରେ କିଛି ନା କିଛି ଶକ୍ତି ରହିଛି। (କ୍ରମଶଃ

# ଜଳବାୟୁ ପରିବର୍ତ୍ତନ ବିଶ୍ୱ ପାଇଁ ବିପଦ !



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଚ୍ଛି। ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି। ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ।

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ଏକ ବିପଦ ଭାବେ ଉଭା ହୋଇଛି। ଏହାର ପ୍ରଭାବ ଅନେକ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ଏଥି ପାଇଁ ସତର୍କତା ଅବଲମ୍ବନ କରାଯିବା ଜରୁରୀ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିବ ବୋଲି ପାଣିପାଗ ବିଜ୍ଞାନୀମାନେ କହୁଛନ୍ତି। ଫଳସ୍ୱରୂପ ଅଚାନକ ବନ୍ୟା, ମରୁଡି, ସାମୁଦ୍ରିକ ଜୁଆର, ବାତ୍ୟା ଭଳି ସଙ୍କଟ ଆଡକୁ ସମଗ୍ର ବିଶ୍ୱ ଠେଲିହୋଇଯିବାର ଅନୁମାନ କରାଯାଉଛି। ଏସବୁ ଅଭାବନୀୟ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବିଶ୍ୱ ତାପାୟନବୃଦ୍ଧି ଏହାର ଏକ ମୁଖ୍ୟ ଘଟଣା ବୋଲି କୁହାଯାଉଛି। ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ବିଶ୍ୱ ସ୍ତରରେ ଜଳବାୟୁ ପରିବର୍ତ୍ତନ ହେବାର ଯଥେଷ୍ଟ କାରଣ ରହିଛି। ଏକ ହିସାବ ଅନୁସାରେ ଖୁବ୍ ନିକଟରେ ପୃଥିବୀର ୩୮-୪୦ପ୍ରତିଶତ ଭୂଭାଗ ବର୍ତ୍ତମାନ ତୁଳନାରେ ଏକ ଭିନ୍ନ ଜଳବାୟୁ ଜୋନ୍‌ରେ ପ୍ରବେଶ କରିଥିବ। ଏବଂ ଆଗକୁ ପୃଥରବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ। ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନହାର ବଢିଚାଲିବ। ଏହା ଦ୍ୱାରା ପୃଥିବୀର ଅଧିକ ଅଞ୍ଚଳ ମରୁଭୂମି ପାଲଟିବ। ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ। ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍‌କୁ ଆସିବା ସହିତ ଗରମ ଜୋନ ଥିବା ଅଞ୍ଚଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି।

ଜଳବାୟୁ ପରିବର୍ତ୍ତନର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲକ୍ଷିତ ହେଉଛି। ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯାଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଚ୍ଛି। ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି। ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ। ନିକଟରେ ଫନି ଭଳି ପ୍ରାକୃତିକ ବାତ୍ୟାର ପ୍ରକୋପକୁ ଆମେ ଅଙ୍ଗେ ନିଭେଇ ସାରିଛୁ। ପ୍ରକୃତିର ଏହି କ୍ରୁର ରୂପ କେତେବେଳେ କିଭଳି ଆକାର ଧାରଣକରିବ ତାହା ଆମ କଳ୍ପନାର ବାହାରେ। ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ। ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ବା ଲଘୁଚାପ ସୃଷ୍ଟିହେଲେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି।

କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରକାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା। ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ। କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନଥିବ। ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ। ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ ହେବନାହିଁ। ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ। ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ।ଏବେ ପୁଣି ମହାମାରୀ କରୋନାର ପ୍ରଭାବ ବିଶ୍ୱତାପାୟନ ଓ ଜଳ ବାୟୁ ପରିବର୍ତ୍ତନ ଉପରେ କି ପ୍ରଭାବ ପକାଇବ ସେ ବିଷୟରେ ଚିନ୍ତା କରିବାର ଅଛି କୁହାଯାଉଛି ଯେ କରେନା ଜନିତ ଲକଡାଉନ ଓ ସଟଡାଉନ ଯୋଗୁଁ ଗଙ୍ଗାନଦୀ ର ଜଳ ନିର୍ମଳ ଓ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ର ମାତ୍ରା ମଧ୍ୟ ହ୍ରାସ ପାଇଛି ଆଗାମୀ ଦିନରେ ଏହାକି ମୋଡ ନେବ ଓ ପରିବେଶ ଉପରେ କିପରି ପ୍ରଭାବ ପକାଇବ ଓ ତାକୁ ଦେଖିବାକୁ ବାକି ରହିଲା। ଏହି ଜଳବାୟୁ ପରିବର୍ତ୍ତନ ଆମ ଦେଶର ଅର୍ଥନୀତିକୁ ୨୦୨୧ ମସିହାରେ ପ୍ରଭାବିତ କରିଛି। ୨୦୪୦ ମସିହା ବେଳକୁ ଦେଶର ଦାରିଦ୍ର୍ୟ ହାର ୩.୫ପ୍ରତିଶତ ବୃଦ୍ଧି ହୋଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡିଛି। ଖାଲି ସେତିକି ନୁହେଁ ବିଂଶ ଶତାବ୍ଦୀ ଆରମ୍ଭରୁ ପୃଥିବୀର ୧୪.୧୭ ପ୍ରତିଶତ ଭୂଭାଗର ଜଳବାୟୁ ପରିବର୍ତ୍ତନ ହୋଇଛି। ଉତ୍ତର ଆମେରିକା, ୟୁରୋପ, ଓସେନିୟାର ସର୍ବାଧିକ ପରିବର୍ତ୍ତନ ହୋଇଛି। ବିଶେଷଜ୍ଞଙ୍କ ମତ ଅନୁସାରେ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ଆହୁରି ବଢିବାର ସମ୍ଭାବନା। ଫଳସ୍ୱରୁପ ପ୍ରାକୃତିକ ବିପର୍ଯ୍ୟୟ ବଢି ବଢି ଯିବ। ଏଣୁ ଏଦିଗରେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ। ଏହାହିଁ ସମୟର ଆହ୍ୱାନ।

# ତୁଳସୀର ମାହାତ୍ମ୍ୟ



ରାଜଶ୍ମିତା ବାରିକ
ନୀଳଗିରି, ବାଲେଶ୍ୱର

**ତୁଳସୀର ମାଳ ତୁଳସୀର ଚୂଳ ତୁଳସୀ ଭୂଷଣ ହୋଇ ତୁଳସୀ ମୂଳରେ ଲୟ ଲଗାଇଲେ ନୀଳଚକ୍ର ଦିଶୁଥାଇ।**

ସନାତନ ଧର୍ମରେ ଧାର୍ମିକ ପରମ୍ପରା ଓ ସଂସ୍କୃତିରେ ତୁଳସୀ ପୂଜନର ବିଶେଷ ମହତ୍ତ୍ୱ ରହିଛି। ଭାରତୀୟ ଙ୍କ ଧର୍ମୀୟ ଭାବନା ସହିତ ତୁଳସୀ ଗଛର ଗଭୀର ସମ୍ପର୍କ ରହିଛି ଏବଂ ଶାସ୍ତ୍ରରେ ମଧ୍ୟ ତୁଳସୀ ଗଛର ବିଶେଷ ମାନ୍ୟତା ରହିଛି। ତୁଳସୀର ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ଯେତିକି, ତାଠାରୁ ଅଧିକ ଏହାର ଔଷଧୀୟ ଗୁଣ। ଆୟୁର୍ବେଦ ଔଷଧ ତିଆରିରେ ତୁଳସୀ ଏକ ଅମୂଲ୍ୟ ଉପାଦାନ ଅଟେ। ବିଷ୍ଣୁ ଭଗବାନଙ୍କ ପ୍ରିୟ ତୁଳସୀ ପତ୍ର। ତୁଳସୀ ପତ୍ର ଲଗାଇ ବିଷ୍ଣୁ ଭଗବାନଙ୍କୁ ଭୋଗ ଅର୍ପଣ କରାଯାଏ। ବିଷ୍ଣୁ ଭଗବାନଙ୍କର ଅତି ପ୍ରିୟ ହୋଇଥିବାରୁ ବୈଷ୍ଣବୀ, ବିଷ୍ଣୁ ବଲ୍ଲଭା, ହରିପ୍ରିୟା ନାମରେ ଭକ୍ତ ମାନେ ପୂଜା ଅର୍ଚ୍ଚନା କରିଥାନ୍ତି। ଧର୍ମ ମାସ କାର୍ତ୍ତିକରେ କାର୍ତ୍ତିକ ପୂର୍ଣ୍ଣିମା ଭିତରେ ଅନୁଷ୍ଠିତ ହୁଏ ତୁଳସୀ ବିବାହ। ଅର୍ଥାତ ଏହି ଦିନ ଭଗବାନ ବିଷ୍ଣୁଙ୍କ ସହ ତୁଳସୀର ବିବାହ ସମ୍ପନ୍ନ ହୁଏ। ହିନ୍ଦୁ ଭକ୍ତମାନେ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ହଜାର ତୁଳସୀ ମାଳ ଗୁନ୍ଥି ଅର୍ପଣ କରନ୍ତି। ତୁଳସୀ ପତ୍ରର ରଙ୍ଗକୁ ନେଇ ଧଳା ଓ କଳା ଭେଦରେ ଦୁଇଟି ଜାତି ଅଟେ। ଏହାକୁ ମଧ୍ୟ ରାମା ତୁଳସୀ ଏବଂ ଶ୍ୟାମା ତୁଳସୀ କୁହାଯାଏ। ଶ୍ୟାମା ତୁଳସୀର ରଙ୍ଗ ସବୁଜ କେବେ କେବେ ବାଇଗଣି ରଙ୍ଗ ଦେଖା ଯାଏ। ଏହାକୁ ମଧ୍ୟ କୃଷ୍ଣ ତୁଳସୀ କୁହାଯାଏ। କାରଣ ଏହାର ରଙ୍ଗ କୃଷ୍ଣଙ୍କ ରଙ୍ଗ ପରି ଦେଖାଯାଏ। କୃଷ୍ଣ ଙ୍କ ର ଅନ୍ୟ ଏକ ନାମ ଶ୍ୟାମ ଅଟେ। ସେଥି ପାଇଁ ଏହାକୁ ଶ୍ୟାମା ତୁଳସୀ ବୋଲି କୁହାଯାଏ। ରାମଙ୍କର ତୁଳସୀ ଅତି ପ୍ରିୟ ଥିଲେ ସେଥି ପାଇଁ ଏହାକୁ ରାମା ତୁଳସୀ ବୋଲି କୁହାଯାଏ। ତୁଳସୀ ଗଛ ଘରେ ଲଗାଇବା ଦ୍ୱାରା ଦାରିଦ୍ର୍ୟତା ଦୂର ହୁଏ। ଦୁଃଖ, ଭୟ ଓ ରୋଗ ରହେ ନାହିଁ। କଳି ଯୁଗରେ ତୁଳସୀ ପୂଜନ, କୀର୍ତ୍ତନ ଓ ଭଜନ କରିବା ଦ୍ୱାରା ସମସ୍ତ ପାପ ଭସ୍ମୀଭୂତ ହୁଏ ଏବଂ ମୋକ୍ଷ ପ୍ରାପ୍ତି ହୁଏ। ପୁରାଣ ରେ ବର୍ଣ୍ଣିତ ଅଛି ଭଗବାନ ଶିବ ନାରଦଙ୍କୁ କହିଥିଲେ

**- ପତ୍ରମ୍ ପୁଷ୍ପ ଫଳମ ଶାଖା ତ୍ୱକ୍ ସ୍କନ୍ଧଙ୍କିତମ
ତୁଳସୀ ସମ୍ଭବମ୍ ସର୍ବ ପାବନମ୍ ମୃତ୍ତିକାଦିକମ**

ତୁଳସୀର ପତ୍ର, ଫୁଲ, ଫଳ, ଶାଖା, ଛେଲି, ଗଣ୍ଡି ଓ ମାଟି ଆଦି ସବୁ ପବିତ୍ର ଅଟେ। ପ୍ରତି ଦିନ ତୁଳସୀପତ୍ର ସେବନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ଏବଂ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟ ହୁଏ। ତୁଳସୀ ଗଛ ଅଧିକ ରୁ ଅଧିକ ଲଗାଇବା ଦ୍ୱାରା ଏହା ଅଧିକ ରୁ ଅଧିକ ଅମ୍ଳଜାନ ଯୋଗାଇ ଥାଏ। ପରିବେଶ ପ୍ରଦୂଷଣରୁ ରକ୍ଷା କରିଥାଏ।

**ମୂଳେ ତୋର ଗଙ୍ଗା ଡ଼ାଳେ ତୋର ବିଷ୍ଣୁ
ପତ୍ରେ ଦେବତାଙ୍କ ବାସ ତୋ ପତ୍ର ପଡ଼ିଲେ
ମଣୋହୀ ହୁଅଇ କହଇ ଗୋପାଳ ଦାସ ।**

ତୁଳସୀ ବୃକ୍ଷ ମୂଳରେ ଗଙ୍ଗା, ଡାଳରେ ବିଷ୍ଣୁ ଏବଂ ପତ୍ରରେ ଅନ୍ୟାନ୍ୟ ଦେବତାମାନେ ବାସ କରନ୍ତି। ତୁଳସୀ ପତ୍ର ଲଗେଇ ଭଗବାନଙ୍କୁ ଭୋଗ ଅର୍ପଣ କରାଯାଏ ଏବଂ ତୁଳସୀ ପତ୍ର ଜଳରେ ପକାଇଲେ ଜଳ ଶୁଦ୍ଧ ହୋଇଥାଏ। ବୈଷ୍ଣବମାନେ ପ୍ରତ୍ୟେକ ଖାଦ୍ୟ ପାନୀୟରେ ପ୍ରଥମେ ତୁଳସୀପତ୍ର ପକାଇଥାନ୍ତି। ଓଡ଼ିଶାର ପୁରପଲ୍ଲୀରେ ସମସ୍ତଙ୍କ ଘର ଅଗଣାରେ ତୁଳସୀ ଚଉରାଟିଏ ରହିଥାଏ। ଏହା ଶୁଭକାରକ ହୋଇ ଥିବାରୁ ଲୋକ ମାନେ ଘରୁ ବାହାରିଲା ବେଳେ ତୁଳସୀ ଚଉରା ମୂଳେ ପ୍ରଣାମ କରି ବାହାରନ୍ତି। ପ୍ରତିଦିନ ସକାଳ ଓ ସନ୍ଧ୍ୟାବେଳେ କୁଳବଧୂମାନେ ତୁଳସୀ ଚଉରାମୂଳେ ପୂଜା କରନ୍ତି ଏବଂ ସନ୍ଧ୍ୟାବତୀ ଦେଇଥାନ୍ତି। ତୁଳସୀ ପୂଜାକଲେ ମନସ୍କାମନା ପୂର୍ଣ୍ଣ ହେବା ସହିତ ଘରେ ସକାରାତ୍ମକ ଶକ୍ତି ଜାଗ୍ରତ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ମୁଖ୍ୟତଃ ଏହାର ପତ୍ରକୁ ଔଷଧ ରୂପେ ବ୍ୟବହାର କରାଯାଏ। ତୁଳସୀ ପତ୍ରରେ ଭିଟାମିନ ଓ ମିନେରାଲାସ ଭରପୁର ପରିମାଣରେ ରହିଛି। ଏଥିରେ ଭିଟାମିନ ସି, ଆଇରନ, କ୍ୟାଲସିୟମ ଓ ଜିଙ୍କ ରହିଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ଅଟେ। ଅଦା ରସ ସହିତ ତୁଳସୀରସ ମିଶାଇ ଖାଇଲେ କାଶ ଓ ଥଣ୍ଡା ଦୂରହୁଏ। ପ୍ରତ୍ୟେକ ଦିନ ସକାଳୁ ଚାରି ପାଞ୍ଚଟି ତୁଳସୀପତ୍ର ଖାଇଲେ ହଜମ ଶକ୍ତି ବଢ଼େ ଏବଂ ଦେହ ନୀରୋଗ ରହେ। ତୁଳସୀ ପତ୍ରକୁ ଗିଳିଦେଲେ ଗଳାବ୍ୟଥା ଦୂରହୁଏ। କେବଳ ତୁଳସୀ କାଠକୁ ବେକରେ ପକାଇଲେ ଗଳାର ନାନାଦି ରୋଗ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଚର୍ମରୋଗ ଏବଂ ଡାଇବେଟିସ ପାଇଁ ତୁଳସୀ ପତ୍ର ମଧ୍ୟ ଉପଯୋଗୀ ଅଟେ। ଆଜିକାଲିର ଯୁବପିଢି ଆଧୁନିକତାର ବଶବର୍ତ୍ତୀ ହୋଇ ଆମ ସନାତନ ଧର୍ମର ସଂସ୍କୃତି, ପରମ୍ପରାକୁ ଛାଡ଼ି ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଉଛନ୍ତି। ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲି ଯାଉଛନ୍ତି। ଆଜିର ଯୁବପିଢି ତୁଳସୀ ବୃକ୍ଷ ଠାରୁ ଅନେକ କିଛି ଶିଖିବାର ଅଛି। ତୁଳସୀ ଏକ ଗୁଳ୍ମଜାତୀୟ ଛୋଟ ଉଦ୍ଭିଦ ହୋଇଥିଲେ ମଧ୍ୟ ତାର ଅଙ୍ଗ ପ୍ରତ୍ୟଙ୍ଗ ରେ ଉପକାରିତା ଭରି ରହିଛି ଏବଂ ସ୍ୱଚ୍ଛ ପବିତ୍ର ହୋଇ ଭଗବାନଙ୍କର ପ୍ରିୟ ହେବା ସହିତ ଘରେ ଘରେ ଦାଣ୍ଡ ଅଗଣା ରେ ପୂଜା ପାଉଛି।

# ସଂଘର୍ଷମୟ ଜୀବନର ସଫଳ ବ୍ୟକ୍ତିତ୍ୱ -ଇଂ ଧର୍ମ ପ୍ରସାଦ ମିଶ୍ର

ଇଂ ଦେବବ୍ରତ ରଥ

ସଂଘର୍ଷମୟ ଜୀବନ ଭିତରେ ସଫଳତାର ଶୀର୍ଷକୁ ଛୁଇଁଥିବା ମଣିଷଟି ଶେଷରେ ଜୀବନ ଓ ମୃତ୍ୟୁର ସଂଗ୍ରାମରେ ହାରିଯିବ ଏ ଆଶା ମୋର କେବେ ବି ନଥିଲା। ୟା ପୂର୍ବରୁ ସେ ଅନେକ ଜୀବନ ଯୁଦ୍ଧକୁ ସାମନା କରିଥିଲେ ଓ ସେଥିରେ କେବେ ବି ହାର ମାନି ନଥିଲେ। ଅନେକ ଆଶା ବାନ୍ଧିଥିଲି ସେ ମେଡିକାଲର ବିଛଣାରୁ ଉଠି ଆସି ପୁନର୍ବାର ସମସ୍ତଙ୍କ ସହ ହସ ଖୁସିରେ ଦିନ କାଟିବେ। କିନ୍ତୁ ବିଧିର ବିଧାନ ବିଚିତ୍ର..... ସେ ଚାଲିଗଲେ ସ୍ୱର୍ଗଦ୍ୱାର।

ବିଶ୍ୱ ନିୟନ୍ତାଙ୍କର ଇଚ୍ଛାକୁ କେଉଁ ସୁପର କମ୍ପ୍ୟୁଟର ଭେଦ କରିପାରିବ ? କିଏ ତାଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରିପାରିବ ? ନିଜେ ସ୍ୱୟଂ ଭଗବାନ ଏ ପୃଥିବୀ ପୃଷ୍ଠରେ ଧରାବତରଣ କରି ସମସ୍ତ ଲୀଳା ସାରି ଶେଷରେ ଏ ଧରା ପୃଷ୍ଠରୁ ବିଦାୟ ନେଇଥିଲେ। ମନେପଡେ ଶ୍ରୀମତ୍ ଭଗବତ ଗୀତାର ସେହି ନିରାଟ ସତ୍ୟବାଣୀ : "ଜାତସ୍ୟ ହି ଧ୍ରୁବ ମୃତ୍ୟୁ"।

ଏଠି ସ୍ୱତଃ ମନେ ପଡ଼ିଯାଏ ଭଜନ ସମ୍ରାଟ ସ୍ୱର୍ଗତଃ ଭିକାରୀ ବଳ ଗାଇଥିବା ଏକ ହୃଦୟସ୍ପର୍ଶୀ ଗୀତର କେଇ ଧାଡି............... "କିଏ ଆଜି ଯିବ, କିଏ କାଲି ଯିବ, କାଳ ବସିଛି ଚାହିଁ ତାକୁ ବାନ୍ଧି ନେବ।"

ଧର୍ମୁଭାଇନା ସଂପୂର୍ଣ୍ଣ ଭାବରେ ଜଣେ ସଂସାରୀ ଥିଲେ। ସଂସାରରେ ଚାଲିବାକୁ ହେଲେ କେମିତି ବନ୍ଧୁ ବାନ୍ଧବ, ସାଙ୍ଗସାଥି, ପ୍ରିୟଜନମାନଙ୍କୁ ନେଇ ଚାଲିବାକୁ ହୁଏ ତାହା ତାଙ୍କୁ ବେଶ୍ ଜଣା ଥିଲା। ସମସ୍ତଙ୍କୁ ବାନ୍ଧି ରଖିବାର କଳା ତାଙ୍କ ପାଖରେ ଥିଲା। ସେଥିପାଇଁ ସବୁବେଳେ ତାଙ୍କ ଘରେ ବନ୍ଧୁବାନ୍ଧବଙ୍କ ଗହଳ ଚହଳ ଲାଗି ରହିଥିଲା। ଯିଏ ତାଙ୍କ ଘରକୁ ଯାଉଥିଲା ନ ଖାଇ ଫେରୁ ନଥିଲା। ସେଥିପାଇଁ ମୋ ନନା (ଯିଏ ଧର୍ମୁ ଭାଇନାଙ୍କ ମାମୁଁ) ସବୁବେଳେ କହୁଥିଲେ, ଧର୍ମୁ ଘରଟା ଗୋଟେ ଧର୍ମଶାଳା।

ସତରେ ଧର୍ମୁ ଭାଇନା ଥିଲେ ଅତି ସ୍ନେହୀ, ଦରଦୀ ମଣିଷଟିଏ। ସେ ଥିଲେ ପରୋପକାରୀ ଓ ସାହାଯ୍ୟକାରୀ ମଣିଷଟିଏ। କେବେ କାହା ଉପରେ ରାଗିବା ମୁଁ ଦେଖି ନାହିଁ। ଅତି ନମ୍ର ସ୍ୱଭାବ। ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ଦେବା ଓ କନିଷ୍ଠମାନଙ୍କୁ ଶ୍ରଦ୍ଧା କରିବା ସେ ଜାଣିଥିଲେ। ସତରେ ମଣିଷ ପରି ମଣିଷଟିଏ ଥିଲେ।

ସଂସାରୀ ଜୀବନ ଭିତରେ ସେ ଥିଲେ ଅତ୍ୟନ୍ତ ଈଶ୍ୱର ବିଶ୍ୱାସୀ। ସେଥିପାଇଁ ସାରା ଜୀବନ ପ୍ରଭୁ ଜଗନ୍ନାଥ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର କମିଟିରେ ସେ ଥିଲେ ସକ୍ରିୟ ସଭ୍ୟ। ସେବା ମନୋଭାବ ତାଙ୍କୁ ଈଶ୍ୱରଙ୍କ ନିକଟରେ ସମର୍ପିତ କରିଥିଲା। ଅନେକ ମନ୍ଦିର ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜୀବନର ଶେଷ ପର୍ଯ୍ୟନ୍ତ ସେ ଜଡ଼ିତ ଥିଲେ।

ସେ ଚାଲିଗଲେ ସତ କିନ୍ତୁ ଅନେକ ଲୋକଙ୍କୁ ଶୋକ ସାଗରରେ ଭସେଇ ଦେଇ ଚାଲିଗଲେ। ଯେଉଁ ଘର ଦିନେ ହସଖୁସିରେ ବନ୍ଧୁବାନ୍ଧବଙ୍କ ଗହଳିରେ ଫାଟି ପଡୁଥିଲା, ସେହି ଘର ଆଜି ନିରବୀ ଯାଇଛି। ସବୁଆଡ ଖାଁ ଖାଁ ଲାଗୁଛି। ପରିବେଶ ନିସ୍ତେଜ, ନିର୍ଜୀବ ମନେ ହେଉଛି। ଆଜି ତାଙ୍କର ଅନୁପସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ମର୍ମେ ମର୍ମେ ଅନୁଭୂତ ହେଉଛି। ସବୁଆଡେ କେବଳ ଶୂନ୍ୟତା ହିଁ ଶୂନ୍ୟତା।

Here I remember a beautiful sentence with wonderful meaning :-
"We need everything permanent in a temporary life".

ସେ ଯେଉଁଠି ଥାଆନ୍ତୁ ଖୁସିରେ ଥାଆନ୍ତୁ। ଦୂରରେ ଥାଇ ପରିବାର ତଥା ବନ୍ଧୁବାନ୍ଧବଙ୍କୁ ଆଶୀର୍ବାଦ କରୁଥାଆନ୍ତୁ ଓ ଶୁଭ ଦୃଷ୍ଟି ରଖିଥାଆନ୍ତୁ।

ଆଜି ତାଙ୍କ ଅବର୍ତ୍ତମାନରେ ତାଙ୍କ ସ୍ମୃତିଚାରଣ କରିବା ଛଡ଼ା ଏବଂ ବୁନ୍ଦେ ଲୁହ ଢାଳିବା ବ୍ୟତୀତ ମୋ ପାଖରେ ଆଉ କିଛି ନାହିଁ। ପ୍ରଭୁ ଜଗନ୍ନାଥ ତାଙ୍କର ଅମର ଆତ୍ମାକୁ ଶାନ୍ତି ଦିଅନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଜାନୁଆରୀ ୨୦୨୪ ଶୁକ୍ରବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୮ ମାସରେ ସୁନ୍ଦରଗଡ଼ ...

ଏଥିପୂର୍ବରୁ ଗତ ମାର୍ଚ୍ଚ ୧୨ ତାରିଖରେ ଶ୍ରୀ ପାଣ୍ଡିଆନ ସୁନ୍ଦରଗଡ ଜିଲ୍ଲା ଗସ୍ତ କରି ଲୋକଙ୍କ ଆପତ୍ତି, ଅଭିଯୋଗ, ଦାବି ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ । ଏହି ସବୁ ଦରଖାସ୍ତ ଆଧାରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି । ଚଳିତ ଥର ଗସ୍ତ ସମୟରେ ମଧ୍ୟ ଲୋକଙ୍କଠୁ ଦରଖାସ୍ତ ନେଇଛନ୍ତି ଶ୍ରୀ ପାଣ୍ଡିଆନ । ଲୋକମାନେ ଦେଉଥିବା ଦରଖାସ୍ତ ସମ୍ପର୍କରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପ୍ରଶାସନ ଠାରୁ ଲୋକେ ପ୍ରତିଉତ୍ତର ପାଇବେ । ଦରଖାସ୍ତରେ ଥିବା ସମସ୍ୟାର କେବେ ସମାଧାନ ହେବ, ଯଦି ସମାଧାନ ହୋଇପାରିବ ନାହିଁ ତାହେଲେ କାହିଁକି ସମାଧାନ ହୋଇପାରିବ ନାହିଁ, ସେ ସମ୍ପର୍କରେ ମଧ୍ୟ ସୂଚନା ପ୍ରତିଉତ୍ତରରେ ରହିବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଦ୍ୱିତୀୟ ଦିନରେ ଶ୍ରୀ ପାଣ୍ଡିଆନ ଜିଲ୍ଲାରେ ଥିବା ୪ଟି ନିର୍ବାଚନମଣ୍ଡଳୀ ସୁନ୍ଦରଗଡ, ରାଜଗାଙ୍ଗପୁର, ବୀରମିତ୍ରପୁରର ନୂଆଗାଁ ଏବଂ ବଣେଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣ ସଭାରେ ଲୋକଙ୍କ ଠାରୁ ସ୍ଥାନୀୟ ସମସ୍ୟା ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ । ଦରଖାସ୍ତ ଗ୍ରହଣ ବେଳେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ, ଗତ ମାର୍ଚ୍ଚ ୧୨ ତାରିଖରେ ଆସିଥିବାବେଳେ ସେ ଯେଉଁ ସବୁ ଦରଖାସ୍ତ ସଂଗ୍ରହ କରି ନେଇଥିଲେ ତା ଭିତରୁ ୯୦ ପ୍ରତିଶତ ଦରଖାସ୍ତର ଦାବି ପୂରଣ ହୋଇଛି ବା ସମସ୍ୟାର ସମାଧାନ ହୋଇଛି । ଏହି ୯୦ ପ୍ରତିଶତ ଦାବି ପୂରଣ ଓ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି । ଏହି ଅର୍ଥ ଓଡିଶାବାସୀଙ୍କର । ଏହାକୁ ସ୍ୱଚ୍ଛତାର ସହ ବିନିଯୋଗ କରିବାର ଆବଶ୍ୟକତା ରହିଛି । ଭଲ କାମ କଲେ ପରବର୍ତ୍ତୀ ପର୍ଯ୍ୟାୟ ଅନୁଦାନ ମିଳିବାରେ ଅସୁବିଧା ରହିବ ନାହିଁ । ସାମୁହିକ କାମକୁ ନିଜ ଘରକାମ ଭାବି ସ୍ୱଚ୍ଛତାର ସହ କଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନବୀନ ଓଡିଶା ସାକାର ହେବ ଓ ଏକ ସଶକ୍ତ ଓଡିଶା ଗଠନ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଓ ଚାଷୀଙ୍କ ସମସ୍ୟା ଓ ରୂପାନ୍ତରଣ ନେଇ ଥିବା ସମସ୍ୟାର ସମାଧାନ ୧୦ ଦିନ ଭିତରେ ହେବ ବୋଲି ଶ୍ରୀ ପାଣ୍ଡିଆନ ପ୍ରତିଶ୍ରୁତ ଦେଇଥିଲେ । ଏ ସରକାର ନବୀନ ପଟ୍ଟନାୟକଙ୍କ ସରକାର ନୁହେଁ କି ବିଜେଡିର ସରକାର ନୁହେଁ, ବରଂ ଏହା ଲୋକଙ୍କ ସରକାର । ତେଣୁ ଏଠି ଲୋକ ଯାହା ଚାହିଁବେ ତାହା ହିଁ ହେବ ବୋଲି ଶ୍ରୀ ପାଣ୍ଡିଆନ୍ ଦୋହରାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ସଂପ୍ରତି ଆରମ୍ଭ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ -ନବୀନ କାର୍ଡର ପଞ୍ଜିକରଣ ୬ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ହେଉଥିବା ସୂଚନା ଦେବା ସହ ସବୁ ଗ୍ରାମାଞ୍ଚଳବାସୀ ଏହାର ଲାଭ ଉଠାଇବା ଲାଗି ଆହ୍ୱାନ ଦେଇଥିଲେ । ସେହିଭଳି ଜିଲ୍ଲାରେ ଫେବ୍ରୁଆରୀ ମାସରେ ଲକ୍ଷ୍ମୀବସ ଗଡିବ । ପ୍ରତି ପଞ୍ଚାୟତରୁ ବ୍ଲକକୁ ଦୈନିକ ୩ଥର ଏହି ବସ ଯା' ଆସ କରିବ । ମହିଳା ଏବଂ ଛାତ୍ରଛାତ୍ରୀମାନେ ରିହାତି ଦରରେ ଅର୍ଥାତ ମାତ୍ର ୫ଟଙ୍କାରେ ଯା' ଆସ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ । ବିଭିନ୍ନ ସଭାରେ ଶ୍ରୀ ପାଣ୍ଡିଆନଙ୍କ ତୃତୀୟ ଗୁରୁତ୍ୱପୂର୍ଣ୍ଣ ସୂଚନାଟି ଥିଲା ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ । ସେ କହିଥିଲେ ଯେ, ପଞ୍ଚାୟତ ସ୍ତରରେ ବ୍ୟାଙ୍କ ସୁବିଧା ନଥିବାରୁ ମିଶନ ଶକ୍ତି ମା' ଓ ଅନ୍ୟାନ୍ୟ ଲୋକେ ବହୁ ହଇରାଣ ହରକତ ହେଉଛନ୍ତି । ତାକୁ ଦୂର କରିବା ପାଇଁ ରାଜ୍ୟ ସରକାର ୨ମାସ ମଧ୍ୟରେ ପ୍ରତି ପଞ୍ଚାୟରେ ବ୍ୟାଙ୍କ ଖୋଲିବେ । ସୁନ୍ଦରଗଡରୁ ବହୁ ଦକ୍ଷ ତଥା ପ୍ରତିଭାବାନ ହକି ଖେଳାଳି ବାହାରି ଜାତୀୟସ୍ତରରେ ନାଁ କରିଛନ୍ତି । ସୁନ୍ଦରଗଡବାସୀ ହକିକୁ ଭଲ ପାଉଥିବାରୁ ଏ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧିକ ଦୁର୍ବଳତା ରହିଛି । ହକି ବିଶ୍ୱକପ ଆୟୋଜନ ପାଇଁ ଆସିଥିବା ପ୍ରସ୍ତାବ ବେଳେ ମୁଖ୍ୟମନ୍ତ୍ରୀ ଏହାକୁ କେବଳ ଭୁବନେଶ୍ୱରରେ ଆୟୋଜନ ନକରି ହକିର ରାଜଧାନୀ ସୁନ୍ଦରଗଡ ଜିଲ୍ଲାରେ ମଧ୍ୟ ଆୟୋଜନ କରିବା ପାଇଁ ଅଣ୍ଟା ଭିଡିଥିଲେ । କୌଣସି ଭିତ୍ତିଭୂମି ନଥିଲେ ମଧ୍ୟ ମାତ୍ର ୩ ବର୍ଷ ମଧ୍ୟରେ ବିଶ୍ୱର ସବୁଠୁ ବଡ ହକି ଷ୍ଟାଡିଅମରୁ ଆରମ୍ଭ କରି ବିମାନ ବନ୍ଦର, ଖେଳାଳିଙ୍କ ରହିବା ଲାଗି ହକି ଗ୍ରାମ ପ୍ରତିଷ୍ଠା କରିଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଗସ୍ତର ଦ୍ୱିତୀୟ ଦିନରେ ପ୍ରଥମେ ସୁନ୍ଦରଗଡର ସମଲେଇ ମନ୍ଦିରରେ ପହଞ୍ଚି ମା' ସମଲେଇଙ୍କ ଦର୍ଶନ ଓ ଆଳତି କରିଥିଲେ । ଶ୍ରୀ ପାଣ୍ଡିଆନ ଏହା ପରେ ମା' ସମଲେଇ ମନ୍ଦିରର ସୌନ୍ଦର୍ଯ୍ୟକରଣ କାମର ଅଗ୍ରଗତି ନେଇ ମନ୍ଦିର ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଥିଲେ । ଆସନ୍ତା ୧୦ ଦିନ ଭିତରେ ଜିଲ୍ଲାବାସୀଙ୍କୁ ରାଜ୍ୟସରକାର ଖୁସି ଖବର ଦେବେ । ସେମାନଙ୍କର ଯାହା ଦାବି ଅଛି ତାହା ପୂରଣ ହେବ ବୋଲି କହିଛନ୍ତି । ରାଜଗାଙ୍ଗପୁର ଠାରେ ଆୟୋଜିତ ଦ୍ୱିତୀୟ କାର୍ଯ୍ୟକ୍ରମରେ ରେଲୱେ ଓଭରବ୍ରିଜରୁ ମନ୍ଦିର ରୂପାନ୍ତରଣ ପର୍ଯ୍ୟନ୍ତ ବିଭିନ୍ନ ବିକାଶମୂଳକ କାମର ହିସାବ ଦେଇଛନ୍ତି ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ । ମାର୍ଚ୍ଚ ୧୨ରେ ସେ ରାଜଗାଙ୍ଗପୁର ଆସିଥିଲେ । ସେତେବେଳେ ନେଇଥିବା ପ୍ରାୟ ୪୦ଟି ଦରଖାସ୍ତରୁ ୩୫ଟିର ସମାଧାନ ହୋଇ ସାରିଛି । ୯୦ ପ୍ରତିଶତ ଦରଖାସ୍ତ ପାଇଁ ଟଙ୍କା ମଂଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟ କ । ୧୫ ବର୍ଷ ହେଲା ରେଲୱେ ଓଭରବ୍ରିଜ୍ କାମ ପଡି ରହିଥିଲା । ଲୋକେ ଦାବି କରିବା ପରେ ଏଥିପାଇଁ ୪୮କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଂଜୁର କରିବା ସହ କାମ ଚାଲିଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ, ବେଦବ୍ୟାସ ମନ୍ଦିରର ସଂପୂର୍ଣ୍ଣ ରୂପାନ୍ତରଣ ପାଇଁ ୧୪କୋଟି ୫୦ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି । ରାଜଗାଙ୍ଗପୁର ଠାରେ ସାଧାରଣ ସଭାରେ ଯୋଗଦେବା ପରେ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ଶ୍ରୀ ପାଣ୍ଡିଆନ୍ ଭେଟିଥିଲେ । ହମୀରପୁର ଚର୍ଚ୍ଚର ବିଷପ୍ ଓ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ପ୍ରତିନିଧିମାନେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏ ଅବସରରେ ଧନ୍ୟବାଦ ଦେଇଥିଲେ । ରାଜଗାଙ୍ଗପୁରପରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନୂଆଗାଁଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଶ୍ରୀ ପାଣ୍ଡିଆନ ବୀରମିତ୍ରପୁର ପାଇଁ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେଇଛନ୍ତି । ନୂଆଗାଁଓ କୁଆଁରମୁଣ୍ଡାବ୍ଲକରେ ଦୁଇଟି ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀ ମଂଜୁରୀ ଦେଇଛନ୍ତି । ଚଳିତ ଶିକ୍ଷାବର୍ଷଠାରୁ ଏହି କଲେଜରେ ପିଲାମାନେ ଭର୍ତ୍ତି ହେବେ ବୋଲି ସେ କହିଥିଲେ । ଗତ ମାର୍ଚ୍ଚ ୧୨ ତାରିଖରେ ସେ ବୀରମିତ୍ରପୁର ଆସିଥିଲେ । ସେ ସମୟରେ ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ଦାବି ହୋଇଥିଲା । ଗୋଟିଏ ନିର୍ବାଚନମଣ୍ଡଳୀରେ ଦୁଇ ଦୁଇଟି ସରକାରୀ କଲେଜ ଖୋଲାଯିବା ନଜିର ଅନ୍ୟ କେଉଁଠି ନାହିଁ । କିନ୍ତୁ ମୁଖ୍ୟମନ୍ତ୍ରୀ ବୀରମିତ୍ରପୁର ପାଇଁ ଏହା କରିଛନ୍ତି । ଏହି ସଭାରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ମାଗିଥିଲେ ଶ୍ରୀ ପାଣ୍ଡିଆନ । ସୁନ୍ଦରଗଡ଼ ଜିଲ୍ଲାର ବଣାଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଣେଇଠାରେ ଗସ୍ତ ଦ୍ୱିତୀୟ ଦିନର ଶେଷ ସଭାକୁ ସମ୍ବୋଧନ କରିଥିଲେ ଶ୍ରୀ ପାଣ୍ଡିଆନ । ବଣାଇ ଅଞ୍ଚଳର ବାବୁ ନୂଆଗାଁରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ । ବାବୁ ନୂଆଗାଁରେ ହଜାର ହଜାର ସଂଖ୍ୟାରେ ଜନତାଙ୍କ ସମାଗମ ହୋଇଥିଲା । ଆଦିବାସୀ ସମ୍ପ୍ରଦାୟ ବହୁଳ ଏହି ଅଞ୍ଚଳରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରିଥିଲେ ଶ୍ରୀ ପାଣ୍ଡିଆନ । ଗୁରୁଣ୍ଡିଆ ବ୍ଲକରେ ଗୋଟିଏ ନୂଆ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ଘୋଷଣା କରିଥିଲେ । ଅନେକ ଦିନ ଧରି ଏଠାକାର ଛାତ୍ରଛାତ୍ରୀ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ଦାବି କରି ଆସୁଥିଲେ । ଛାତ୍ରଛାତ୍ରୀଙ୍କ ଦାବି ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି ବୋଲି ସେ କହିଥିଲେ । ଏ ବର୍ଷରୁ ଏଇ କଲେଜରେ ପାଠପଢା ଆରମ୍ଭ ହେବ । ସେହିପରି ବାଣେଶ୍ୱର ମନ୍ଦିର ପାଇଁ ୧ କୋଟି ୨୦ ଲକ୍ଷ ଅନୁଦାନ ମଂଜୁର ହୋଇଥିବା ସୂଚନା ଦେଇଥିଲେ । ବଣାଇ ଗଡ଼ କଲେଜର ଉନ୍ନତି ପାଇଁ ୧ କୋଟି ଅନୁଦାନ । ଗୁରୁଣ୍ଡିଆ ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ୨୫ ଲକ୍ଷ ଅନୁଦାନ ଅନୁମୋଦନ ହୋଇଥିବା କହିଥିଲେ । ବଣାଇରେ ଥିବା ସରକାରୀ ହସ୍ପିଟାଲରେ ଖୋଲିବ ସ୍ୱତନ୍ତ୍ର ଡାୟାଲିସିସ ୟୁନିଟ୍ । ଏଥିଲାଗି ସରକାର ୧ କୋଟି ୮୧ ଲକ୍ଷ ମଂଜୁର କରିଛନ୍ତି ବୋଲି ସେ କହିଛନ୍ତି ।

## ଆପଣମାନେ...

ପାଇ ଆସୁଛନ୍ତି । ରାଜନୈତିକ ବିଶେଷଜ୍ଞମାନେ ଆଜିଯାଏଁ ଜାଣିପାରୁନାହାନ୍ତି ଯେ ନବୀନ ପଟ୍ଟନାୟକଙ୍କ ଏହି ଅଭୁତପୂର୍ବ ସଫଳତା ପଛରେ କ'ଣ ରହସ୍ୟ ଲୁଚି ରହିଛି । ତାଙ୍କର ଉପରୋକ୍ତ ପ୍ରଶ୍ନ ଯେପରି ରାଜନୀତିରେ ବିରଳ ହୋଇଥାଏ ଦିନକୁ ଦିନ ତାଙ୍କର ଉତ୍‌ଥାନ ମଧ୍ୟ ରାଜନୀତିରେ କ୍ୱଚିତ ଦେଖାଯାଇଥାଏ । ନିନ୍ଦୁକମାନେ କୁହନ୍ତି ଯେ ଏହାର ରହସ୍ୟ ହେଉଛି ମାଗଣା ବଣ୍ଟନ ଯୋଜନା ଅର୍ଥାତ ଜଣଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ମାଗଣା ପ୍ରଦାନ ତାଙ୍କୁ ଆଜି ଦୀର୍ଘ ଚବିଶ ବର୍ଷ ହେଲା ବାରମ୍ବାର ନିର୍ବାଚିତ କରିଆସୁଛି କିନ୍ତୁ ଏହି ଯୁକ୍ତି ଗ୍ରହଣୀୟ ନୁହେଁ କାରଣ ବର୍ତ୍ତମାନ ପ୍ରାୟ ସବୁ ବିରୋଧି ଦଳ ଶାସିତ ରାଜ୍ୟମାନଙ୍କଠାରେ ସରକାର ଏହାଠାରୁ ଅଧିକ ମାଗଣା ବାଣ୍ଟୁଛନ୍ତି ଏବଂ କ୍ଷମତାକୁ ଆସିଲେ ଏହାଠାରୁ ଆହୁରି ଅଧିକ ମାଗଣା ବାଣ୍ଟିବେ ବୋଲି ପ୍ରତିଶୃତି ଦେଉଛନ୍ତି । ଏହା ସତ୍ତ୍ୱେ ଲୋକମାନେ କାହିଁକି ନବୀନବାବୁଙ୍କୁ ସମର୍ଥନ ଜଣେଇ ଜିତେଇ ଆସୁଛନ୍ତି ତାହା ଆଜି ବି ରହସ୍ୟମୟ ହୋଇ ରହିଛି । କଥାରେ ଅଛି ଜଣେ ବ୍ୟକ୍ତିର ପ୍ରଥମ ଛାପ ଅତ୍ୟନ୍ତ ଦୀର୍ଘସ୍ଥାୟୀ ହୋଇଥାଏ । ନବୀନ ପଟ୍ଟନାୟକ ଏକ ଘଡ଼ିସନ୍ଧି ମୂହୂର୍ତ୍ତରେ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିଲେ ଯେତେବେଳେ ସମଗ୍ର ଓଡ଼ିଶା ସୁପର ସାଇକ୍ଲୋନ ପ୍ରବାହରେ ଧ୍ୱଂସ ବିଧ୍ୱସ୍ତ ହୋଇପଡ଼ିଥିଲା, ଯେତେବେଳେ ଆଇନ ଶୃଙ୍ଖଳା ଭାଙ୍ଗିପଡ଼ିଥିଲା ଓ ଦୁର୍ନୀତିରେ ସମଗ୍ର ଓଡ଼ିଶା ଆଉଟୁ ପାଉଟୁ ହେଉଥିଲା । ଆରମ୍ଭରୁ ତାଙ୍କର ଏହା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଓଡ଼ିଶାବାସୀଙ୍କୁ ଚକିତ କରିଦେଇଥିଲା । ଗୋଟିଏ ପରେ ଗୋଟିଏ ସାହାସିକ ପଦକ୍ଷେପ ତାଙ୍କର ଶୂନ୍ୟସହନଶୀଳତାର ଏକ ଦୀର୍ଘସ୍ଥାୟୀ ପରିଚୟ ସୃଷ୍ଟି କରିପାରିଥିଲା ଯାହା ଆଜି ଯାଏଁ ଅକ୍ଷୁର୍ଣ୍ଣ ରହିଛି ଏବଂ ଏହାକୁ କ୍ଷୁର୍ଣ୍ଣ କରିଦେବା ଭଳି ଓଡ଼ିଶାର କୌଣସି ରାଜନେତା ଏ ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇନାହାନ୍ତି । ଏପରି କି କେନ୍ଦ୍ରର ଅତ୍ୟନ୍ତ ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଗ ଭାଙ୍ଗିବାରେ ବିଫଳ ହୋଇ ତାଙ୍କ ସହିତ ଏକ ଅଲିଖିତ ସମ୍ପର୍କ ସ୍ଥାପନ କରିବାକୁ ବାଧ୍ୟ ହୋଇଛନ୍ତି । ସଂକ୍ଷିପ୍ତରେ କହିବାକୁ ଗଲେ ଆଜି ନବୀନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ଅଭେଦ୍ୟ କାରଣ ତାଙ୍କୁ ଭେଦ କରିବାକୁ ଏପର୍ଯ୍ୟନ୍ତ କୌଣସି ବିକଳ୍ପ ଦୃଶ୍ୟମାନ ହୋଇନାହାନ୍ତି । ଦୀର୍ଘଦିନ ଧରି ସେ ଯେଉଁ ବିଶ୍ୱସନୀୟତା ହାସଲ କରିପାରିଛନ୍ତି ତାକୁ ଅତିକ୍ରମ କରିବା ପାଇଁ ଓଡ଼ିଶାର କୌଣସି ରାଜନେତା ଆଜିଯାଏଁ ଆର୍ବିଭାବ ହୋଇପାରିନାହାନ୍ତି । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ଯେତେବେଳେ ସେ ପ୍ରଶ୍ନ କରି "ଆପଣମାନେ ଖୁସି ତ" ବୋଲି ପଚାରୁଛନ୍ତି ଓଡ଼ିଶାର ଅଗଣିତ ଲୋକ "ହଁ ଆଜ୍ଞା, ଆମେମାନେ ଖୁସି ଅଛୁ" ବୋଲି କରତାଳି ଦେଇ କହୁଛନ୍ତି ।

## ପୁଲିସ ମହାନିର୍ଦ୍ଦେଶକ, ...

ଚିହ୍ନଟ ହୋଇଥିବା ବିଷୟବସ୍ତୁ ଉପରେ ବ୍ୟାପକ ଆଲୋଚନା କରିଛନ୍ତି । ଏହି ସମ୍ମିଳନୀରେ ପ୍ରତ୍ୟେକ ବିଷୟବସ୍ତୁ ଅଧୀନରେ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର ଶ୍ରେଷ୍ଠ ବ୍ୟବସ୍ଥା ଉପସ୍ଥାପନ କରାଯିବ, ଯାହା ଦ୍ୱାରା ରାଜ୍ୟମାନେ ପରସ୍ପରଠାରୁ ଶିଖିପାରିବେ । ୨୦୧୪ରୁ ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଗଭୀର ଆଗ୍ରହ ଦେଖାଇଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ପ୍ରତୀକାତ୍ମକ ଉପସ୍ଥିତି ଭଳି ନହୋଇ, ସେ ସମ୍ମିଳନୀର ସମସ୍ତ ପ୍ରମୁଖ ଅଧିବେଶନରେ ଉପସ୍ଥିତ ରହୁଛନ୍ତି । ପ୍ରଧାନମନ୍ତ୍ରୀ କେବଳ ଧୈର୍ଯ୍ୟର ସହ ସମସ୍ତ ସୂଚନା ଶୁଣନ୍ତି ନାହିଁ, ବରଂ ମୁକ୍ତ ଏବଂ ଅନୌପଚାରିକ ଆଲୋଚନାକୁ ମଧ୍ୟ ପ୍ରୋତ୍ସାହିତ କରନ୍ତି, ଯାହା ଦ୍ୱାରା ନୂତନ ଚିନ୍ତାଧାରା ଆସିପାରିବ । ଚଳିତ ବର୍ଷର ସମ୍ମିଳନୀରେ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ସମୟରେ ଆଲୋଚନା କରିବାକୁ ମଧ୍ୟ ଯୋଜନା କରାଯାଇଛି । ଏହା ଦ୍ୱାରା ବରିଷ୍ଠ ପୋଲିସ ଅଧିକାରୀମାନେ ଦେଶକୁ ପ୍ରଭାବିତ କରୁଥିବା ପ୍ରମୁଖ ପୋଲିସିଂ ଏବଂ ଆଭ୍ୟନ୍ତରୀଣ ନିରାପତ୍ତା ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ଏବଂ ସୁପାରିସ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଇବେ । ଏହି ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା, ଗୃହ ରାଷ୍ଟ୍ରମନ୍ତ୍ରୀ, କ୍ୟାବିନେଟ ସଚିବ, ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଡିଜିପି ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଓ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟମାନେ ଯୋଗଦେବେ ।

## ଓଡ଼ିଶାର ୭...

ଜିଓଗ୍ରାଫିକାଲ ଇଣ୍ଡିକେସନ ରେଜିଷ୍ଟ୍ରି ପକ୍ଷରୁ ସୂଚନା ଦିଆଯାଇଛି ।

ଓୟୁଏଟି ସମେତ ରାଜ୍ୟର ବିଭିନ୍ନ ସଂଗଠନ ପକ୍ଷରୁ ଓଡ଼ିଶାର ଏହି ସମସ୍ତ ସାମଗ୍ରୀକୁ ଜିଆଇ ମାନ୍ୟତା ପାଇଁ ଆବେଦନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ମାନଦଣ୍ଡକୁ ଆଧାର କରି ଏନେଇ ସମସ୍ତ ପ୍ରକାର ଆବଶ୍ୟକ କାଗଜପତ୍ର ମଧ୍ୟ ଦାଖଲ ହୋଇଥିଲା । ଏହାକୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ଏହି ୭ଟି ସାମଗ୍ରୀକୁ ଜିଆଇ ମାନ୍ୟତା ପ୍ରଦାନ କରିଛନ୍ତି । କିଛି ମାସ ତଳେ ଶେଷ ପର୍ଯ୍ୟାୟରେ ଓଡ଼ିଶାର ଆବେଦନ ସମ୍ପର୍କରେ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଥିଲା । କୌଣସି ରାଜ୍ୟ କିମ୍ବା କୌଣସି ଅଞ୍ଚଳ ଓଡ଼ିଶାର ଏହି ସାମଗ୍ରୀ ସମ୍ପର୍କରେ ଆବଶ୍ୟକ ପ୍ରମାଣ ସହ ଆପତ୍ତି ଅଭିଯୋଗ ନ ଆଣିବାରୁ କେନ୍ଦ୍ର ସରକାର ଓଡ଼ିଶାର ଏହି ସାମଗ୍ରୀଗୁଡ଼ିକୁ ଜିଆଇ ମାନ୍ୟତା ପ୍ରଦାନ କରିଛନ୍ତି ।

ଓଡ଼ିଶାର ଶେଷ ସାମଗ୍ରୀ ଭାବେ ଗତ ଅକ୍ଟୋବରରେ କେନ୍ଦ୍ରାପଡ଼ାର ରସାବଳୀକୁ ଜିଆଇ ଟ୍ୟାଗ ମିଳିଥିଲା, ଯାହାକୁ ମିଶାଇ ରାଜ୍ୟରେ ମୋଟ ୧୮ ଟି ଜିଆଇ ମାନ୍ୟତାପ୍ରାପ୍ତ ସାମଗ୍ରୀ ରହିଥିଲା । ଏବେ ଏହି ତାଲିକାରେ ଆଉ ୭ ସାମଗ୍ରୀ ଯୋଡ଼ି ହେବା ପରେ ରାଜ୍ୟର ମୋଟ ଜିଆଇ ମାନ୍ୟତାପ୍ରାପ୍ତ ସାମଗ୍ରୀ ସଂଖ୍ୟା ୨୫କୁ ବୃଦ୍ଧି ହୋଇଛି । ଏଥିରେ କନ୍ଧମାଳ ହଳଦୀଠୁ ଆରମ୍ଭ କରି ଓଡ଼ିଶା ରସଗୋଲା ଓ ବୋମକେଇ ଶାଢ଼ି ଭଳି ସାମଗ୍ରୀ ରହିଛି ।

ଓଡ଼ିଶାର ସଂସ୍କୃତି ଗବେଷକ ତଥା ଜିଆଇ ବିଶେଷଜ୍ଞ ଡ. ଅନୀତା ସାବତ କହିଛନ୍ତି ଯେ ରାଜ୍ୟର ଏହି ସମସ୍ତ ସାମଗ୍ରୀକୁ ଜିଆଇ ମାନ୍ୟତା ମିଳିବା ସମସ୍ତଙ୍କ ପାଇଁ ଏକ ଖୁସି ଖବର । ଏହାଦ୍ୱାରା ଓଡ଼ିଶାର ଏହି ସାମଗ୍ରୀ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇବ । ଏହାସହ ଜିଆଇ ମାନ୍ୟତା ଦ୍ୱାରା ଓଡ଼ିଶାର ଏହି ସାମଗ୍ରୀଗୁଡ଼ିକ ବ୍ୟବସାୟିକ ଦୃଷ୍ଟିକୋଣରୁ ସମୃଦ୍ଧ ହେବ । ଆମର ଏହି ଉତ୍ପାଦନଗୁଡ଼ିକ ବିକ୍ରି ବୃଦ୍ଧି ହେବା ସହ ଯେଉଁ ବ୍ୟବସାୟୀମାନେ ଏଥିରେ ଜଡ଼ିତ ଥିବେ, ସେମାନଙ୍କର ସ୍ଥିତି ମଧ୍ୟ ସୁଦୃଢ଼ ହେବ ବୋଲି ଡ. ସାବତ କହିଛନ୍ତି ।

## ୮ ନୌ ସୈନିକଙ୍କ ...

କରାଯାଇଛି । ମୃତ୍ୟୁଦଣ୍ଡ ଉଚ୍ଛେଦ କରାଯାଇଛି । ଆମ ପାଖରେ ୬୦ ଦିନ ଅଛି ଏବଂ ଆମେ କତରର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବୁ । ଆଇନଜୀବୀ ଦଳ ଏ ନେଇ କାର୍ଯ୍ୟ କରୁଛନ୍ତି । ଆମେ ଆଇନଜୀବୀ ଦଳ ଏବଂ ପରିବାର ସହ ଯୋଗାଯୋଗରେ ଅଛୁ ବୋଲି ସେ କହିଛନ୍ତି ।

## ଗଣତନ୍ତ୍ର ପରେଡରେ ...

ଗାଇଡଲାଇନ ଜାରି କରାଯାଇଛି । ସୂଚନା ଅନୁଯାୟୀ, ଓଡ଼ିଶା ପକ୍ଷରୁ ଚଳିତ ବର୍ଷ ରଘୁରାଜପୁର ଶିଳ୍ପୀଗ୍ରାମ ଓ ମହିଳା ସଶକ୍ତିକରଣ ମଡେଲ ପଠାଯାଇଥିଲା, ଯାହାକୁ ମନ୍ତ୍ରଣାଳୟ ପକ୍ଷରୁ ମନୋନୀତ କରାଯାଇଛି ।

## ଏଥର ଚିଲିକାରେ...

ପକ୍ଷୀ ଗଣନା କରୁଥିବା ବେଳେ ସ୍ଥଳପଥରେ ରହି ୨ଟି ଦଳ ପକ୍ଷୀ ଗଣନା କରୁଥିଲେ ବୋଲି ଡିଏଫଓ ଅମ୍ଳାନ କୁମାର ନାଏକ କହିଛନ୍ତି । ଏହି ଗଣନା କାର୍ଯ୍ୟରେ ବିଶେଷଜ୍ଞ, ବିଶାରଦ, ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇ ଗଣନା କାର୍ଯ୍ୟ କରିଥିଲେ । ସୁଦୂର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ରୁଷ, କାଜାକସ୍ଥାନ, ଇରାନ ଆଦି ବରଫାବୃତ ଅଞ୍ଚଳରୁ ହଜାରହଜାର କିଲୋମିଟର ଉଡି ଆସି ଅକ୍ଟୋବର ତୃତୀୟ ସପ୍ତାହରୁ ଫେବ୍ରୁଆରି ଶେଷ ସପ୍ତାହ ପର୍ଯ୍ୟନ୍ତ ଚିଲିକାକୁ ନିଜ ବାସସ୍ଥାନ ରୂପେ ବାଛି ନିଅନ୍ତି । ଚିଲିକାରେ ପ୍ରଚୁର ପରିମାଣର ଗୁଳ୍ମ ଜାତୀୟ ଖାଦ୍ୟ, କୃମି ଓ ଛୋଟଛୋଟ କୀଟ ସହିତ ଛୋଟ ମାଛ ଖାଇବାକୁ ଭଲ ପାଆନ୍ତି । ସବୁଠାରୁ ସୁନ୍ଦର ଓ ଆକର୍ଷଣୀୟ ପକ୍ଷୀ ଚଳିତ ବର୍ଷ ୮୨୦ ଦେଖା ଦେଇଛି । ସେହିପରି ଉଇଜନ ୧ ଲକ୍ଷ ୪୦ ହଜାର ୩୮୨ ନର୍ଦନ ପ୍ରିଣ୍ଟେଲ ୨ ଲକ୍ଷ ୧୮ ହଜାର ୨୫୪ ଗଡ଼ୱାଲ ୧ ଲକ୍ଷ ୫୬ ହଜାର ୬୩୬କମନକୁଟ ଦେଖାଦେଇଛି । ଚଳିତବର୍ଷ ନୂତନ ପକ୍ଷୀ ଭାବରେ ନଳବଣରେ ଅଲାଜଫିସ ଫିଗରନାମକଭିପକ୍ଷୀ ଦେଖାଦେଇଛି । ଗତ ବର୍ଷ ତୁଳନାରେ ୫ହଜାର ୮୩୦ଅଧିକ ଥିବା ସଦ୍ୟ ସମାପ୍ତ ପକ୍ଷୀ ଗଣନାରୁ ଜଣାପଡିଛି । ବନ୍ୟପ୍ରାଣୀ ବିଭାଗ ଡିଏଫଓ ଅମ୍ଳାନ କୁମାର ନାୟକଙ୍କ ନେତୃତ୍ୱରେ ମୁଖ୍ୟ ବନ ସଂରକ୍ଷକ ବିକାଶ ରଞ୍ଜନ ଦାଶ, ନାଚୁରାଲ ହିଷ୍ଟ୍ରି ସୋସାଇଟିର ଉପ ନିର୍ଦ୍ଦେଶକ ଡ଼ଃ ପି ସାଥିଆସଭାଲମ, ଏସିଏଫ ଶତାବ୍ଦୀ ମିଶ୍ର ,ଏସିଏଫ ପ୍ରମୋଦ କୁମାର ସେଠୀ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜିତ କୁମାର ଓ ଅନେକ ବିଶେଷଜ୍ଞ, ବିଶାରଦ, ବିଭିନ୍ନ କଲେଜର ଅଧାପିକା, ଅଧାପକ ଓ ଛାତ୍ରଛାତ୍ରୀ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ । ୨୦୨୨/୨୩ ବର୍ଷରେ ସମଗ୍ର ଚିଲିକାରେ ୧୮୪ପ୍ରଜାତିର ୧୧ଲକ୍ଷ ୩୧ହଜାର ୯୨୯ଟି ପକ୍ଷୀଙ୍କ ସଂଖ୍ୟା ଥିବା ବେଳେ ନଳବଣରେ ୩ଲକ୍ଷ ୪୨ହଜାର୮୯୭ଟି ପକ୍ଷୀ ଥିଲେ । ଚଳିତବର୍ଷ ପାଣିପାଗ ଭଲ ଥିବା ଦୃଷ୍ଟିରୁ ପକ୍ଷୀସଂଖ୍ୟା ଅଧିକ ହୋଇଛନ୍ତି । ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଲାଗି ବିଭାଗୀୟ ପକ୍ଷରୁ କଡାକଡି ବ୍ୟବସ୍ଥା କରାଯାଇଛି (ପକ୍ଷୀ ଗଣନା କେମିତି ହୁଏ) ଚିଲିକାରେ ୩ଟି ପଦ୍ଧତିରେ ପକ୍ଷୀ ଗଣନା କାର୍ଯ୍ୟ ହୋଇଥାଏ । ବ୍ଲକ, କ୍ଷୁଦ୍ର ଓ ମଧ୍ୟମା ବ୍ଲକରେ ଗୋଟିଏ ଜୋନରେ ବସିଥିବା ଅସଂଖ୍ୟ ପକ୍ଷୀ ସମାଗମକୁ ଦୂର ବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଗୋଟିଏ ଜୋନରେ ବ୍ଲକ କରି ପକ୍ଷୀ ବିଶେଷଜ୍ଞ ଓ ବିଶାରଦଙ୍କ ଦ୍ୱାରା ଗଣନା କାର୍ଯ୍ୟ ହୋଇଥାଏ । ବ୍ଲକରେ ପକ୍ଷୀ ସମଷ୍ଟିକୁ ନିର୍ଣ୍ଣୟ ପରେ ଜିପିଏସ ସ୍କେଲରେ ପକ୍ଷୀ ଗଣନା ହୋଇଥାଏ । ଗଣନା ବେଳେ ଗୋଟିଏ ଗୋଟିଏ ଜୋନରୁ ଉଡ଼ି ଆସି ଅନ୍ୟ ଏକ ଜୋନକୁ ଚାଲିଯାଆନ୍ତି । ତେବେ ୱାକିଟକି ଦ୍ୱାରା ଉକ୍ତ ଜୋନରେ ପକ୍ଷୀମାନଙ୍କ ସମ୍ପର୍କରେ ସୂଚନା ଦିଆଯାଇଥାଏ । ଏହାଦ୍ୱାରା ପ୍ରଥମ ଜୋନରୁ ଏହି ପକ୍ଷୀମାନଙ୍କ ସଂଖ୍ୟା ବିୟୋଗ କରାଯାଇଥାଏ ଏବଂ ଦ୍ୱିତୀୟ ଯୋନରେ ଯୋଗ କରାଯାଇଥାଏ । ସେହିପରି ମଧ୍ୟମ ପଦ୍ଧତିରେ ଦୂର ବୀକ୍ଷଣ ଯନ୍ତ୍ର ଦ୍ୱାରା ସ୍ୱତନ୍ତ୍ର ସଂଖ୍ୟକ ପକ୍ଷୀକୁ ୪ ,୮ ,୧୦ ଓ ୧୨ ଭାବରେ ଗଣନା କରାଯାଏ । ସେହିପରି କ୍ଷୁଦ୍ର ପଦ୍ଧତିରେ ସିଧାସଳଖ ଗଣନା କରାଯାଇଥାଏ ।

**୯୭, ଜନପଥ, ଭୁବନେଶ୍ୱର**
**ମୋ : ୯୪୩୭୦୬୭୫୬୭**

# ଜନସଂଖ୍ୟା ତୁଳନାରେ ପଞ୍ଜୀକୃତ କିଲ୍ ଖାନା ବ୍ୟବସ୍ଥା କରାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**

ହାଇକୋର୍ଟରେ କଟକର ବେଆଇନ କିଲ୍ ଖାନା ବନ୍ଦ ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଛି କଟକ ମହାନଗର ନିଗମ । ଦାଖଲ କରାଯାଇଥିବା ଏହି ସତ୍ୟପାଠରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ବେଆଇନ କିଲ୍ ଖାନା ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ନେଇ ଉଲ୍ଲେଖ କରାଯାଇଛି । ସହରର ଜନସଂଖ୍ୟା ତୁଳନାରେ ପର୍ଯ୍ୟାପ୍ତ ପଞ୍ଜୀକୃତ କିଲ୍ ଖାନା ବ୍ୟବସ୍ଥା କରାଇବାକୁ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ପର୍ଯ୍ୟାପ୍ତ କିଲ୍ ଖାନା ବ୍ୟବସ୍ଥା ନେଇ କଣ ପଦକ୍ଷେପ ନିଆଯିବ ସେନେଇ ପୁନର୍ବାର ସତ୍ୟପାଠ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସହରରେ ଏବେ ସାଢ଼େ ସାତ ଲକ୍ଷ ଜନ ସଂଖ୍ୟାରେ ମାତ୍ର ୫ ଟି ପଞ୍ଜୀକୃତ କିଲ୍ ଖାନା ରହିଛି । ତେବେ ଗୌ-ଜ୍ଞାନ ଫାଉଣ୍ଡସନ୍ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ କରାଯାଇଥିଲା । କଟକ ସହରରେ ବେଆଇନ କଂସେଇଖାନା ବନ୍ଦ କରିବା ପ୍ରସଙ୍ଗରେ ସିଏମସିର ପଦକ୍ଷେପକୁ ନେଇ ହାଇକୋର୍ଟ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲେ । ବିଶେଷକରି ୨୦୧୫ ମସିହାରୁ କଟକ ସହରରେ ବେଆଇନ ଭାବେ ଚାଲୁଥିବା ରାସ୍ତାକଡ଼ ମାଂସ ଦୋକାନ ଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ କାହିଁକି ଏହା କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି କୋର୍ଟ ପ୍ରଶ୍ନ କରିଥିଲେ । ଅନ୍ୟପଟେ ଏହି ପ୍ରସଙ୍ଗରେ ଗତ ଜୁଲାଇ ୧୮ ତାରିଖରେ ସିଏମସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ସତ୍ୟପାଠକୁ ନେଇ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ । କଟକ ସହରରେ ଛୋଟ ପଶୁଙ୍କ ପାଇଁ ୫-ଟି କଂସେଇ ଖାନା କାର୍ଯ୍ୟକ୍ଷମ କରାଯାଇଛି ବୋଲି ସିଏମସି ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା । ଅନ୍ୟ ବଡ ପଶୁଙ୍କ ପାଇଁ ସ୍ୱତନ୍ତ୍ର କଂସେଇ ଖାନା ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଛି । କିନ୍ତୁ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ଏହାକୁ ବିରୋଧ କରାଯାଉଥିବାରୁ ନିର୍ମାଣରେ ବିଳମ୍ବ ହେଉଛି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା । ତେବେ ରାସ୍ତାକଡ ବେଆଇନ ମାଂସ ଦୋକାନ ଗୁଡ଼ିକୁ ବନ୍ଦ କରିବା ପ୍ରସଙ୍ଗରେ ଆଉ କଣ ପଦକ୍ଷେପ ନିଆଯାଇଛି ସେନେଇ ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । କଟକ ସହରରେ ବେଆଇନ ଭାବେ କଂସେଇଖାନା ଚାଲିବା ଓ ଗୋହତ୍ୟା ଅଭିଯୋଗ ନେଇ ବିଚାରାଧୀନ ମାମଲାରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଦାଖଲ ସତ୍ୟପାଠକୁ ନେଇ ପୂର୍ବରୁ ମଧ୍ୟ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ସତ୍ୟପାଠରେ ମିଥ୍ୟା ତଥ୍ୟ ଦିଆଯାଇଥିବା ଶୁଣାଣି ସମୟରେ କୋର୍ଟ ଅନୁଭବ କରିଥିଲେ । ଏହାପରେ ସତ୍ୟପାଠ ଦେଇଥିବା ସିଏମସିର ଡେପୁଟି କମିସନର ଅଜୟ କୁମାର ମହାନ୍ତିଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମିଥ୍ୟା ସତ୍ୟପାଠ ଦେଇଥିବାରୁ ତାଙ୍କ ବିରୋଧରେ କାହିଁକି ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ନେଇ ବ୍ୟକ୍ତିଗତ ଭାବେ ହାଜର ହୋଇ ଡେପୁଟି କମିସନର କାରଣ ଦର୍ଶାଇବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗଉଜ୍ଞାନ ଫାଉଣ୍ଡେସନ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଥିଲେ । କଟକ ସହରର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ବେଆଇନ ଭାବେ ଗୋହତ୍ୟା କରାଯାଉଛି ବୋଲି ଅଭ ?ଯୋଗ ରହିଛି । ହାଇକୋର୍ଟ ମାମଲାର ଶୁଣାଣି କରି ସିଏମସିକୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୯, ମାର୍ଚ୍ଚ ୨୫ରେ ହାଇକୋର୍ଟ ମାମଲାର ଶୁଣାଣି କରି ସମସ୍ତ ବେଆଇନ ଓ ଅନଧିକୃତ ସ୍ଲଟର ହାଉସ (କଂସେଇଖାନା) ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।



# ଆଜି ବାଲେଶ୍ୱରରୁ ୯୭୦ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଆରମ୍ଭ

**ବାଲେଶ୍ୱର, ନ୍ୟୁଜ**

ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା- ୨୦୨୩-୨୪ ଅନୁଯାୟୀ ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକମାନଙ୍କର ଚୟନ କରାଯାଇ ତୀର୍ଥଯାତ୍ରା ଆୟୋଜନ କରାଯାଉଅଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲେଶ୍ୱରର ୨୨୬ ଜଣ, ଭଦ୍ରକର ୧୪୬ ଜଣ, ମୟୁରଭଞ୍ଜର ୨୪୫ ଜଣ, କେନ୍ଦୁଝରର ୧୭୫ ଜଣ ଓ ଯାଜପୁରର ୧୭୮ ଜଣ ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଜାନୁଆରୀ ୫ ତାରିଖ ଦିନ ସକାଳ ପ୍ରାୟ ଘ. ୧୧.୩୦ ମି ସମୟରେ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ଉଜ୍ଜୈନ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ । ଏହି ଯୋଜନା ଅନ୍ତର୍ଗତ ୯୭୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୩୦ ଜଣ ଏସ୍କର୍ଟ ଅଧିକାରୀ ରେଳ ବିଭାଗ ଯୋଗାଇଦେଉଥିବା ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ ।



ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଜିଲ୍ଲା ପ୍ରଶାସନ ମାନଙ୍କର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କକୁ ଆସି ପହଞ୍ଚିବା ପରେ ସେଠାରେ ସେମାନଙ୍କର ପଞ୍ଜିକରଣ କରାଯାଇ ଭବ୍ୟ ସ୍ୱାଗତ କରାଯିବ । ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି ଓ ଯାତ୍ରା ଦିନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ତୀର୍ଥଯାତ୍ରୀମାନଙ୍କୁ ଷ୍ଟେସନ ଅଣାଯାଇ ପାରମ୍ପରିକ ନୃତ୍ୟ ବାଦ୍ୟ ମଧ୍ୟରେ ସେମାନଙ୍କର ବିଦାୟ କରାଯିବ । ଏହି ତୀର୍ଥଯାତ୍ରାର ଅବଧି ୫ ରାତ୍ରି ୬ ଦିନ ମଧ୍ୟରେ ସୀମିତ ଅଟେ ।

ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି । ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଅଛି । ଏହି ଯୋଜନାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୨୫ଟି ପର୍ଯ୍ୟାୟରେ ସର୍ବମୋଟ ୨୪ ହଜାର ୬୬୯ ଜଣ ବରିଷ୍ଠ ନାଗରିକ ଭାରତ ବର୍ଷର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଏହି ଯୋଜନା ଅଧୀନରେ ଚଳିତ ବର୍ଷ ଅନୁଷ୍ଠିତ ହେଉଥିବା ୧୦ଟି ଯାତ୍ରା ମଧ୍ୟରୁ ଏହା ହେଉଛି ପଞ୍ଚମ ଯାତ୍ରା । ପ୍ରକାଶ ଥାଉ କି, ଯାତ୍ରାରମ୍ଭ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରାଯାଉଥିବା ବେଳେ ଯାତ୍ରା ସମୟରେ ରେଳ କର୍ତ୍ତୃପକ୍ଷଙ୍କ ତରଫରୁ ତୀର୍ଥଯାତ୍ରୀମାନଙ୍କର ସମସ୍ତ ସୁବିଧାର ବ୍ୟବସ୍ଥା କରାଯାଇଥାଏ ।

# ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡ଼ିଶା ଗସ୍ତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ତିନି ଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ଆସି ୫ ଜାନୁୟାରୀ ୨୦୨୪ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ତାଙ୍କ ଗସ୍ତ ସମୟରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଦଶପଲ୍ଲା ଠାରେ ରେଳବାଇ କାର୍ଯ୍ୟକ୍ରମରେ ଏବଂ କଣ୍ଟିଲୋରେ ଡାକ ବିଭାଗ କାର୍ଯ୍ୟକ୍ରମରେ ଯୋଗଦେବେ । ୬ ଜାନୁଆରୀ ୨୦୨୪ରେ ଖଣ୍ଡପଡ଼ା ଠାରେ ଏବଂ ୭ ଜାନୁଆରୀ ୨୦୨୪ ରେ ଆଠଗଡ଼, ବଡମ୍ବା ଏବଂ ନରସିଂହପୁର ଅଞ୍ଚଳରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବ ଯୋଗଦେବେ । ଶ୍ରୀ ଅଶ୍ୱିନୀ ବୈଷ୍ଣବ ୬ ଜାନୁଆରୀ ୨୦୨୪ ରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଦଶପଲ୍ଲା ରେଳ ଷ୍ଟେସନ ବିଲଡିଂ ଏବଂ ନବ ନିର୍ମିତ ନୂଆଗାଁ-ଦଶପଲ୍ଲା ରେଳ ସେକ୍ସନର ଉଦଘାଟନ କରିବା ସହିତ ଚାରିଟି ଟ୍ରେନର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ୧୮୪୨୩/ ୧୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ, ୦୮୪୨୯/୦୮୪୩୦ ଭୁବନେଶ୍ୱର-ନୂଆଗାଁ ରୋଡ-ଭୁବନେଶ୍ୱର ପାସେଞ୍ଜର ସ୍ପେଶାଲ, ୦୮୪୨୩/୦୮୪୨୪ ପୁରୀ-ନୂଆଗାଁ ରୋଡ-ପୁରୀ ପାସେଞ୍ଜର ସ୍ପେଶାଲ ଏବଂ ୦୮୫୫୫/ ୦୮୫୫୬ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନ ଗୁଡିକର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ । ଶ୍ରୀ ବୈଷ୍ଣବ ଜାନୁଆରୀ ୬ ଅପରାହ୍ନରେ କଣ୍ଟିଲୋ ଠାରେ ଡାକ ବିଭାଗର କାର୍ଯ୍ୟକ୍ରମରେ ଯୋଗଦେବେ । ସେହିପରି ଜାନୁଆରୀ ୭ ତାରିଖ ଦିନ ଶ୍ରୀ ବୈଷ୍ଣବ ଆଠଗଡ଼, ବଡମ୍ବା ଓ ନରସିଂହପୁର ଅଞ୍ଚଳରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବେ ।

# ସର୍ବ ଭାରତୀୟ କର୍ମଶାଳାରେ ଯୋଗ ଦେବେ ଭାଗବତପୁର ସରପଞ୍ଚ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଣ୍ଟ ଓ ପଂଚାୟତିରାଜ (ଏସ୍ଆଇଆରଡି ଆଣ୍ଡ ପିଆର୍) ପକ୍ଷରୁ ନୂଆଦିଲ୍ଲୀ ନୂଆ ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା ସର୍ବ ଭାରତୀୟ କର୍ମଶାଳା ରେ କେନ୍ଦ୍ରାପଡା ଜିଲ୍ଲା କେନ୍ଦ୍ରାପଡା ବ୍ଲକ ଭାଗବତପୁର ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ ଯୋଗ ଦେବେ । ଏହି କର୍ମଶାଳାରେ ରାଜ୍ୟରୁ ୧୦ ଜଣ ମନୋନିତ ହୋଇଥିବା ବେଳେ ଭାଗବତପୁର ସରପଂଚ ଶ୍ରୀମତୀ ନାୟକ ମନୋନିତ ହୋଇଛନ୍ତି । ମହିଳା ନେତୃତ୍ୱ ଓ ଦକ୍ଷତା, ଅଭିଜ୍ଞତା ଓ ନୀତି ଆଦି ଉପରେ ଏହି କର୍ମଶାଳାରେ ଆଲୋଚନା ହେବ ।

# ପୁଲିସ ପଞ୍ଝାରେ ପାହାଡ଼ି ଗ୍ୟାଙ୍ଗ: ଝାଡ଼ଖଣ୍ଡରୁ ଆସି ଲୁଟୁଥିଲେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେତେବେଳେ ବସ୍‌ରେ ଚଢ଼ି ଲୁଟିଲେଣି ତ କେତେବେଳେ ଜରି ଗୋଟାଇବା ଆଳରେ ଘରେ ପଶି ମୋବାଇଲ୍ ନେଇଗଲେଣି । ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଆସି ରାଜଧାନୀରେ ଆତଙ୍କ ଖେଳାଇଥିବା ତିନିପାହାଡ଼ି ଗ୍ୟାଙ୍ଗକୁ କମିସନରେଟ୍ ପୁଲିସ ଠାବ କରିଛି । ଗ୍ୟାଙ୍ଗର ୮ଜଣଙ୍କୁ କ୍ୟାପିଟାଲ୍ ଥାନା ପୁଲିସ ଗିରଫ କରିଛି । ସେମାନେ ହେଲେ ଝାଡ଼ଖଣ୍ଡ ତିନିପାହାଡ଼ ଅଞ୍ଚଳର ଶେରଶାହା କୁମାର ମାହାତୋ(୧୯), ଭୁଲୁ କୁମାର ନୁଣିଆ(୨୧), ରାହୁଲ ନୁଣିଆ(୨୨), ଛୋଟୁ ରାୟ(୨୪), ଛୋଟେଲାଲ୍ ମାହାତୋ(୧୯), ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ସୋନୁ ନୁଣିଆ(୨୩), ସୁବାସ ନୁଣିଆ(୩୦) ଓ ସୋନୁ କୁମାର ନୁଣିଆ(୨୭) । ପୁଲିସ ସେମାନଙ୍କଠାରୁ ନଗଦ ୧.୩ଲକ୍ଷ ଟଙ୍କା, ୨୨ଟି ମୋବାଇଲ୍ ଫୋନ, ୨୨ଟି ସିମ୍ କାର୍ଡ ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଜବତ କରିଛି । ଗ୍ୟାଙ୍ଗର ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଜାରି ରଖିଛି ।

ତଦନ୍ତ ବେଳେ ଜଣାପଡ଼ିଛି ଯେ ଦୀର୍ଘଦିନ ହେବ ଏହି ଗ୍ୟାଙ୍ଗ ରାଜଧାନୀରେ ଡେରା ପକାଇଥିଲା । ସେମାନେ ବିଶେଷ କରି ଓଭରବ୍ରିଜ୍ ତଳେ, ରେଳଷ୍ଟେସନ ଭଳି ସ୍ଥାନରେ ରହୁଥିଲେ । ଯେଉଁଠିକୁ ଜରି ଗୋଟାଇବା କି କୌଣସି କାମ ଆଳରେ ଯାଉଥିଲେ ସେଠାକାର ପରିବେଶକୁ ଅନୁଧ୍ୟାନ କରୁଥିଲେ । କିଭଳି ସେଠାରୁ ଲୁଟ୍‌ପାଟ ହୋଇପାରିବ କେଉଁ ସ୍ଥାନ ଲୁଟ୍ ?ପାଟ ପାଇଁ ଉପଯୋଗୀ ରହିଛି । କେଉଁଠି ଛୋଟ ପିଲାଙ୍କର ଆବଶ୍ୟକତା ରହିଛି । ଏସବୁକୁ ଭଲଭାବେ ପରଖୁଥିଲେ । ସେହି ଅନୁସାରେ ସାଙ୍ଗରେ ଥିବା ଛୋଟ ଛୋଟ ପିଲାଙ୍କୁ ଲୁଟ୍‌ପାଟ ପାଇଁ ତାଲିମ୍ ଦେଉଥିଲେ । ସେହିପରି ବସ୍‌ଗୁଡ଼ିକରେ ଗହଳିର ସୁଯୋଗ ନେଇ ଲୋକଙ୍କଠାରୁ ମୋବାଇଲ୍ ଝାମ୍ପି ନେଉଥିଲେ । ଯେଉଁଠିକୁ ଛୋଟପିଲାଙ୍କୁ ପଠାଉଥିଲେ; ସେଠାରୁ କିଛିଦୂରରେ ସେମାନେ ଜଗି ରହୁଥିଲେ । ପିଲାମାନେ ଲୁଟ୍ ପରେ ଜିନିଷ ସେମାନଙ୍କୁ ଦେଇ ଫେରାର ହୋଇ ଯାଉଥିଲେ ।

**OFFICE OF THE DIVISIONAL FOREST OFFICER, PHULBANI FOREST DIVISION**
**Phone-06842-253617(Off), Cell-9437065299, Email: dfo.phulbani@odisha.gov.in** **MM-402**
**Short Tender Notice**
**Bid Identification No.07 /DFO/PLB/CAMPA-2023-24 , Dated 04.01.2024**

The Divisional Forest Officer, Phulbani Forest Division, Phulbani in the District of Kandhamal on behalf of Governor of Odisha invites Percentage Rate Bids to be received in online mode for following works from eligible & experienced Contractors in similar nature of work registered with State Govt & Contractor of equivalent Grant /Class registered with Central Govt./ Railways. Short tender notice is invited owing to shortage of work days for completion of the infrastructure works.

| | | | |
|---|---|---|---|
| 1 | Nature of Work | :- | Construction of Barrack at Ranipathar of Sudrukumpa Range |
| | | :- | Construction of ACF Quarter at Phulbani |
| | | :- | Construction of Ministerial Quarter at Phulbani |
| 2 | No.of Work | :- | 03(Three) |
| 3 | Period of Completion | :- | 65 days for each work |
| 4 | Cost of Tender Paper | :- | Rs.6000/-( Six thousands)only for each work. |
| 5 | Estimated Cost ( in Rs.) for above 3 works | :- | Rs.21. 05 Lakh |
| | | :- | Rs. 16.95 lakh |
| | | :- | Rs. 10.86 lakh |
| 6 | Class of Contractor | :- | D & C only |
| 7 | Date & time of availability of bid document in Portal | :- | 11 AM of 06.01.2024 to 17.00 PM of 16.1.2024 |
| 8 | Receipt of bid, bid cost, bid Security documents etc. | :- | Online only |
| 9 | Date & Time of Opening of Technical Bid | :- | 17.01.2024 at 11.00 AM |
| 10 | Other Details | :- | As mentioned in DTCN |
| 11 | Online /website details | :- | www.tendersodisha.gov.in www.odishaforest.in www.kandhamal.nic.in |
| 12 | Any Addendum /Corrigendum /Cancellation | :- | Shall be mentioned in above websites |
| 13 | Concession if any | :- | 10% concession to SC/ST contractors over General Category contractors only on submission of Affidavit |
| 14 | Authority to accept/reject any tender | :- | Divisional Forest Officer, Phulbani Forest Division |

Divisional Forest Officer
Phulbani Forest Division

OIPR-08098/11/0009/2324

ଭୁବନେଶ୍ୱର
୫ ଜାନୁଆରୀ
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24








ସୁନ୍ଦରଗଡ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିବସରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଜନସଭାକୁ ଉଦ୍‌ବୋଧନ ଦେବା ସହ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝୁଛନ୍ତି ।

(ଫଟୋ : ସମ୍ବାଦ କଳିକା)

# ପାରାକ୍ୱେଟ ନେଇଛି ୧୪୦ ଜୀବନ : ସମ୍ପୂର୍ଣ୍ଣ ନିଷିଦ୍ଧ ପାଇଁ କେନ୍ଦ୍ରକୁ ଚିଠି

**ଭୁବନେଶ୍ୱର, ୪/୧ ନ୍ୟୁଜ ବ୍ୟୁରୋ**

ବିଷାକ୍ତ ପାରାକ୍ୱେଟ୍ ଏବଂ ଏଥିରୁ ଉତ୍ପନ୍ନ ଦ୍ରବ୍ୟଗୁଡ଼ିକର ବିକ୍ରିକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବଙ୍କୁ ଲେଖିଥିବା ପତ୍ରରେ ସେ ଦର୍ଶାଇଛନ୍ତି ଯେ ମଣିଷ ଓ ଅନ୍ୟ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପାରାକ୍ୱେଟ୍‌ର କୁ-ପ୍ରଭାବ ରୋକିବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ନିରୋଧକ ଔଷଧ ଉପଲବ୍ଧ ନାହିଁ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ବିଷାକ୍ତ ରାସାୟନିକ ପଦାର୍ଥର ବିକ୍ରୟ/ ମହଜୁଦ/ ବିତରଣ/ ଉତ୍ପାଦନ ଓ ବ୍ୟବହାରକୁ ୨୦୨୩ ଅକ୍ଟୋବର ୫ରୁ ୯୦ଦିନ ପର୍ଯ୍ୟନ୍ତ ନିଷିଦ୍ଧ ଘୋଷଣା କରିଛନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରିପୋର୍ଟ ଅନୁସାରେ, ପାରାକ୍ୱେଟ୍ ଏବଂ ଏଥିରୁ ଉତ୍ପନ୍ନ ପଦାର୍ଥ ଅତ୍ୟନ୍ତ ବିଷାକ୍ତ ଓ କ୍ଷତିକାରକ । ବର୍ତ୍ତମାନ ପର୍ଯ୍ୟନ୍ତ ପାରାକ୍ୱେଟ୍‌ର ବ୍ୟବହାର ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ, ମଣିଷର ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ଏହାର ପ୍ରଭାବ ସମ୍ପର୍କରେ କୌଣସି ବୈଜ୍ଞାନିକ ଗବେଷଣା କରାଯାଇନାହିଁ । ସେହିପରି ଭେଷଜ ଅନୁଷ୍ଠାନ ଭିମ୍‌ସାର ରିପୋର୍ଟ ଅନୁଯାୟୀ, ପାରାକ୍ୱେଟ୍ ଯୋଗୁଁ ମଣିଷର ନିଃଶ୍ୱାସପ୍ରଶ୍ୱାସ, ବୃକକ୍ ଏବଂ ଯକୃତଜନିତ ସମସ୍ୟା ଉପୁଜି ମୃତ୍ୟୁ ଘଟିଥାଏ । ଏହା ଜନିତ ମୃତ୍ୟୁହାର ଅଧିକ । ରିପୋର୍ଟ ଅନୁଯାୟୀ, ୨୦୧୭ ସେପ୍ଟେମ୍ବରରୁ ୨୦୧୯ ଅଗଷ୍ଟ ମଧ୍ୟରେ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୧୪୯ଜଣ ରୋଗୀଙ୍କ ମଧ୍ୟରୁ ୧୪୦ଜଣଙ୍କର ମୃତ୍ୟୁ ଘଟିଛି । ରିପୋର୍ଟରେ ଭିମ୍‌ସାର କର୍ତ୍ତୃପକ୍ଷ ପାରାକ୍ୱେଟ୍‌କୁ ସ୍ଥାୟୀ ଭାବରେ ନିଷିଦ୍ଧ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ସେହିପରି ପାରାକ୍ୱେଟ୍ ସେବନ କରି ଅକାଳ ମୃତ୍ୟୁ ଘଟୁଛି ବୋଲି ରାଜ୍ୟର ୧୫ରୁ ଅଧିକ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରିପୋର୍ଟରେ ଦର୍ଶାଇଛନ୍ତି । ସେହିପରି ଦୀର୍ଘ ସମୟ (୫ ବର୍ଷରୁ ଊର୍ଦ୍ଧ୍ୱ) ଧରି ପାରାକ୍ୱେଟ୍‌ର ବ୍ୟବହାର ମଣିଷ, ପ୍ରାଣୀ ଏବଂ ଫସଲ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ତେଣୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଭାରତ ସରକାରଙ୍କ ଦ୍ୱାରା ଓଡ଼ିଶାରେ ପାରାକ୍ୱେଟ୍‌ର ବିକ୍ରି/ ବିତରଣ/ ଉତ୍ପାଦନ ଏବଂ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ସଚିବ ଡ. ପାଢ଼ୀ ଲେଖିଥିବା ପତ୍ରରେ ଅନୁରୋଧ କରିଛନ୍ତି ।

# କଟକରୁ ସମ୍ପୂର୍ଣ୍ଣ ଉଠିବନି ଡିୟର ପାର୍କ

**କଟକ, ୦୪/୦୧ ନ୍ୟୁଜ ବ୍ୟୁରୋ**

କଟକରୁ ସମ୍ପୂର୍ଣ୍ଣ ଭାବେ ଉଠିବ ନାହିଁ ହରିଣ ପାର୍କ । କଟକର ଶୋଭା ବଢ଼ାଇବା ପାଇଁ ପାଖାପାଖି ୨୦ ହରିଣ ରହିବେ । ଏନେଇ ସୂଚନା ଦେଲେ କଟକ ମେୟର ସୁବାସ ସିଂ । ହରିଣ ସ୍ଥାନାନ୍ତରକୁ ନେଇ କଟକିଆଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ବୁଧବାର ଡିୟର ପାର୍କ ଆଗରେ କଟକ ନଗର ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଡିୟର ପାର୍କକୁ ସମ୍ପୂର୍ଣ୍ଣ ଖାଲି କରିବା ଗ୍ରହଣୀୟ ନୁହେଁ ବୋଲି ବିଜେପି ଦାବି କରିଥିଲା । ଚନ୍ଦକା ବଦଳରେ କଟକ ସହର କିମ୍ବା ଏହାର ଆଖପାଖ ଅଞ୍ଚଳରେ ହରିଣଙ୍କୁ ରଖାଯାଉ ବୋଲି ସଙ୍ଗଠନ ଦାବି କରିଥିଲା । ତେବେ ମଙ୍ଗଳବାର ସୁଦ୍ଧା ୪୮ ହରିଣ ସ୍ଥାନାନ୍ତର ହୋଇସାରିଛନ୍ତି ।




ଭୁବନେଶ୍ୱର : ଜୟଦେବ ଭବନରେ ଆୟୋଜିତ ୧୪ତମ ରାଜକିଶୋର ନାୟକ ମେମୋରିଆଲ୍ ଗାନ୍ଧୀ ଲେକ୍‌ଚର-୨୦୨୪ ଅବସରରେ ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ପ୍ରକାଶିତ 'କଥା କଥାରେ ଗାନ୍ଧି'କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ୍ ଉଦୟ ରମେଶ ଲଳିତ, ଗୁଜୁରାଟ ଗାନ୍ଧୀ ପୀଠର ପୂର୍ବତନ କୁଳପତି ପ୍ରଫେସର ଡ. ସୁଦର୍ଶନ ଆୟଙ୍ଗର, ବିଶିଷ୍ଟ ସାହିତ୍ୟିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଯତୀନ ନାୟକ, ଫାଉଣ୍ଡେସନର ସଭାପତି ପ୍ରହ୍ଲାଦ ସିଂ ଏବଂ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ।

(ଫଟୋ : ସମ୍ବାଦ କଳିକା)

# ସ୍କୁଟି ଉପରେ ଚଢ଼ି ଗଲା ହାଇୱା : ବାପ ଓ ପୁଅ ମୃତ

**ସୁବର୍ଣ୍ଣପୁର, ୪/୧ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଦିନ ସନ୍ଧ୍ୟା ୮ ଟା ବେଳେ ସୋନପୁର ସଦର ମୁଖ୍ୟ ବ୍ଲକଛକ ଟ୍ରାଫିକ ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ହାଇୱା ଚାପାରେ ଦୁଇ ସ୍କୁଟି ଆରୋହୀ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ମହାନଦୀ ସେତୁ ପଟୁ ଆସୁଥିବା ହାଇୱା ସ୍କୁଟିରେ ଥିବା ରାଜ କୁମାର ମହାକୁଡ଼ (୫୦) ଓ ତାଙ୍କ ପୁଅ ଓମପ୍ରିତ୍ (୧୬)ଙ୍କ ଉପରେ ଚଢ଼ି ଯିବାରୁ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିଲା । ମୁଖ୍ୟ ଛକ ହୋଇଥିବାରୁ ସଙ୍ଗେ ସଙ୍ଗେ ଲୋକ ଚାପି ହୋଇ ଚକ ତଳେ ରହିଯାଇଥିବା ଉଭୟଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହ ମଝିରେ ଫସି ରହିଥିବା ସ୍କୁଟିକୁ ବାହାର କରୁଥିବା ବେଳେ ପୋଲିସ ଉପସ୍ଥିତିରେ ହାଇୱାଟି ସେଠାରୁ ଫେରାର ମାରିଥିଲା । ତେବେ ଫେରାର ମାରିବା ବେଳେ ସ୍କୁଟିଟି ହାଇୱାରେ ଘୋଷାଡି ହୋଇ ପ୍ରାୟ ୧ କିମି ଗଲା ପରେ ଜିଲ୍ଲାପାଳ ଅଫିସ୍ ପାଖରେ ହାଇୱାରେ ନିଆଁ ଲାଗି ଜଳିଯାଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଡ୍ରାଇଭର ପ୍ରଚୁର ମଦ୍ୟପାନ କରିଥିଲା । ସେଠାରୁ ରାସ୍ତା ଉପରେ ଗାଡି ଛାଡି ଡ୍ରାଇଭର ଫେରାର ମାରିଥିବା ଜଣାପଡିଛି । ତେବେ ଉକ୍ତ ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ପୋଲିସ ପକ୍ଷରୁ ପରିସ୍ଥିତି ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା ।

# ଭିଜିଲାନ୍ସ ଜାଲରେ ବନରକ୍ଷୀ

**ନବରଙ୍ଗପୁର, ୪/୧ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ବିଟ୍‌ର ବନରକ୍ଷୀ ବିନାୟକ ଚନ୍ଦ୍ର ସୋରି । ସେ ନିଜ ବାଇକରେ ଏକ ଲକ୍ଷ ତେପନ ହଜାର ଟଙ୍କା ନେଇ ଯାଉଥିବା ବେଳେ ନବରଙ୍ଗପୁର ଭିଜିଲାନ୍ସ ଜାଲରେ ପଡିଛନ୍ତି । ବନରକ୍ଷୀ ବିନାୟକ ଏକ ବ୍ୟାଗ୍‌ରେ ଟଙ୍କା ନେଇ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଖାତିଗୁଡ଼ା ନିକଟସ୍ଥ ଇନ୍ଦ୍ରାବତୀ ପୋଲ ନିକଟରେ ଅଟକ ରଖି ଯାଞ୍ଚ କରିଥିଲେ । ଏତେ ଗୁଡିଏ ଟଙ୍କା କେଉଁଠୁ ଆସିଲା ଓ କିଏ ଦେଇଥିବା ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରିନଥିବାରୁ, ତାଙ୍କୁ ସାଙ୍ଗରେ ଆଣି ନବରଙ୍ଗପୁର ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ରଖାଯାଇ ଅଧିକ ତଦନ୍ତ କରୁଛନ୍ତି । ଅନ୍ୟପଟେ ନବରଙ୍ଗପୁର ସହରସ୍ଥିତ ରାଜୁ ସାହିରେ ଥିବା ତାଙ୍କ ଭଡା ଘରେ ମଧ୍ୟ ଚଢଉ ଜାରି ରହିଛି ।


